ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 22 | 29 May - 04 June 2022 | Sambalpur | Page-12 | Invitation Price Rs.10

## ଓ.ପି ସିଂ ଏମ୍.ସି.ଏଲ ସିଏମ୍‌ଡି ହେବେ

ବୁର୍ଲା : ପ୍ରାୟ ଦେଢ଼ ବର୍ଷ ହେବ ମୁରବୀହୀନ ହୋଇ ରହିଥିବା ମହାନଦୀ କୋଲଫିଲ୍ଡସ ଲିମିଟେଡର ଅଧକ୍ଷ ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଗତ ୧୮ ତାରିଖ ଦିନ ଏମ.ସି.ଏଲ୍‌ର ଅଧକ୍ଷ ପଦବୀ ପାଇଁ ହୋଇଥିବା ଚୟନ କମିଟି ବର୍ତ୍ତମାନ ସି.ଏମ୍.ଡି ଦାୟିତ୍ୱରେ ଥିବା ଓମ୍ ପ୍ରକାଶ ସିଂଙ୍କୁ ଏହି ପଦବୀ ପାଇଁ ମନୋନୀତ କରି ତାଙ୍କୁ ନିଯୁକ୍ତି ଦେବାକୁ ସୁପାରିଶ କରିଛି । ଏହି ପଦବୀ ପାଇଁ



ମୋଟ୍ ୧୧ ଜଣ ସାକ୍ଷାତ୍‌କାର ଦେଇଥିଲେ । ତେବେ ସମସ୍ତଙ୍କୁ ପଛରେ ପକାଇ ଶ୍ରୀ ସିଂହ ସି.ଏମ୍.ଡି ପଦ ପାଇଁ ମନୋନୀତ ହୋଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ବି.ଏନ୍. ଶୁକ୍ଲା ସି.ଏମ୍.ଡି ପଦବୀରୁ ଗତ ୨୦୨୦ ଡିସେମ୍ବର ମାସରେ ଅବସର ଗ୍ରହଣ କରିବା ପରେ ଏହି ପଦବୀ ଖାଲି ପଡିଥିଲା । ତେବେ ଏନ୍.ସି.ଏଲ୍‌ର ସି.ଏମ୍.ଡି ଶ୍ରୀ ପି.କେ. ସିହ୍ନା ତାଙ୍କ ପଦବୀ ସହିତ ଏମ୍.ସି.ଏଲ୍‌ର ସି.ଏମ୍.ଡି ଦାୟିତ୍ୱରେ ଅବସର ଗ୍ରହଣ କରିବା ପର୍ଯ୍ୟନ୍ତ ଗତ ୨୦୨୧ ଡିସେମ୍ବର ପର୍ଯ୍ୟନ୍ତ ରହିଥିଲେ । ତା'ପରେ ଗତ ଜାନୁଆରୀ ପହିଲାରୁ ଏମ୍.ସି.ଏଲ୍‌ର ବୈଷୟିକ ନିର୍ଦ୍ଦେଶକ ଥିବା ଶ୍ରୀ ଓମ ପ୍ରକାଶ ସିଂ ସି.ଏମ୍.ଡି ଦାୟିତ୍ୱରେ ରହିଛନ୍ତି ।

## ପୁନରୁଦ୍ଧାର ପାଇଁ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଲେ ସାମାଜିକ ସ୍ଥିତି ସୁଦୃଢ଼ ହେବ: ପି.କେ. ମିଶ୍ର

ସମ୍ବଲପୁର : 'ପ୍ରସ୍ତୁତିରୁ ପ୍ରତିକାର' ଆଭିମୁଖ୍ୟ ବାହାରକୁ ଯାଇ ପୁନରୁଦ୍ଧାର ପାଇଁ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲେ ତାହା ସାମାଜିକ ସ୍ଥିତି ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ ହେବ । ଏହା ଜଳବାୟୁ ପରିବର୍ତ୍ତନ ପ୍ରଭାବର ମୁକାବିଲା ପାଇଁ ଏକ ବଡ଼ ଅସ୍ତ୍ର ଭାବେ କାମ କରିବ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର କହିଛନ୍ତି ।



ୟୁଏନ୍‌ଡିପି, ବିଶ୍ୱବ୍ୟାଙ୍କ ଓ ଇଣ୍ଡୋନେସିଆ ସରକାରଙ୍କ ମିଳିତ ସହଯୋଗହରେ ଇଣ୍ଡୋନେସିଆର ବାଲିରେ ଆୟୋଜିତ ପଞ୍ଚମ ବିଶ୍ୱ ପୁନଃନିର୍ମାଣ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଭର୍ଚୁଆଲ ମାଧମରେ ଯୋଗଦେଇ ଡକ୍ଟର ମିଶ୍ର ବିପର୍ଯ୍ୟୟ ପରବର୍ତ୍ତୀ ପୁନଃ ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟରେ ପାଞ୍ଚଟି ପ୍ରମୁଖ ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି ।

ଡକ୍ଟର ମିଶ୍ର କହିଥିଲେ ଯେ ଭାରତରେ ବିପତ୍ତି ବା ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ନୀତି ବେଶ୍ ଅନେକ ଦିନଧରି ଗୁରୁତ୍ୱ ପାଇ ଆସୁଛି । ବିପର୍ଯ୍ୟୟ ପରବର୍ତ୍ତୀ ପୁନଃ ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟରେ ପାଞ୍ଚଟି ପ୍ରମୁଖ ବିଷୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସେ କହିଥିଲେ । ଉତ୍ତମ ଫଳାଫଳ ପାଇଁ ନିର୍ମାଣ ପ୍ରୟାସ, ପ୍ରସ୍ତୁତି ଓ କାର୍ଯ୍ୟ ଉତ୍ତମ ହେବା ଉଚିତ୍ । ଏହି ଉତ୍ତମ 'ବିଲ୍ଡ ବ୍ୟାକ୍ ବେଟର' ବ୍ୟବସ୍ଥାରେ କେବଳ ଉତ୍ତମ ଉପଯୋଗ ଅପେକ୍ଷା ଉତ୍କୃଷ୍ଟ ଫଳାଫଳ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । କୋଭିଡ-୧୯ ମହାମାରୀ ଆମ ଆଭିମୁଖ୍ୟର ଏକ ନୂଆ ଦିଗ ଯୋଡ଼ିଛି । ଏହା ଆମକୁ ଜୀବିକା, ଦାରିଦ୍ର୍ୟ ଓ ଅସମାନତା ଉପରେ ଅଧିକ କେନ୍ଦ୍ରିତ କରିବାକୁ ଶିଖାଇଛି ବୋଲି ସେ କହିଥିଲେ ।

ସେ ଆହୁରି କହିଛନ୍ତି ଯେ ପୁନରୁଦ୍ଧାର ଓ ପୁନଃନିର୍ମାଣରେ ପ୍ରଭାବିତ ଲୋକଙ୍କ ହାତରେ ଏଜେନ୍‌ସିର ଦାୟିତ୍ୱ ନ୍ୟସ୍ତ କରାଯିବା ଉଚିତ । ଭାରତରେ ୨୦୦୧ ଗୁଜରାଟ ଭୂମିକମ୍ପ ପରେ ଏହାର ଭଲ ଫଳାଫଳ ଦେଖିବାକୁ ମିଳିଥିଲା । ଏହି ସାମୁଦାୟିକ ବ୍ୟବସ୍ଥା ଓ ଅଭ୍ୟାସରେ ସ୍ୱାଭାବିକ ଭାବେ ଆର୍ଥିକ, ଆନୁଷ୍ଠାନିକ, ବୈଷୟିକ ମେକାନିଜିମ୍ ରହିବା ଆବଶ୍ୟକ ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନଃନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ସବୁ ସ୍ତରରୁ ସାହାଯ୍ୟ ସହଯୋଗ ଯୋଗାଣ ବ୍ୟବସ୍ଥା ଅପରିହାର୍ଯ୍ୟ ହେବା ଉଚିତ ।

ଭାରତରେ ପ୍ରଥମ ଥର ପାଇଁ ବିପର୍ଯ୍ୟୟ ପରିଚାଳନା ନୀତିରେ ଅର୍ଥଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି । ପୁନରୁଦ୍ଧାର ଓ ପୁନଃନିର୍ମାଣ କାର୍ଯ୍ୟ ନିମନ୍ତେ ଆମେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ସୃଷ୍ଟି କରିଛୁ ଓ ପାଞ୍ଚ ବର୍ଷ ମଧ୍ୟରେ ୭.୫ ବିଲିୟନ ଡଲାର ଅର୍ଥ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି । ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର ଓ ପୁନଃନିର୍ମାଣର କାମ ସ୍ୱଳ୍ପମିଆଦି ନ ହୋଇ ଦୀର୍ଘମିଆଦି ହେବା ଆବଶ୍ୟକ ବୋଲି ସେ କହିଥିଲେ ।

## ହାଇକୋର୍ଟ ଓକିଲ ସଂଘ ବିରୋଧରେ ବଢୁଛି ଅସନ୍ତୋଷ

ସମ୍ବଲପୁର : ଯେତେବେଳେ ବି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସରକାରୀଙ୍କ ପକ୍ଷରୁ କିଛି ସକରାତ୍ମକ ପ୍ରକ୍ରିୟା ଆରମ୍ଭ ହୁଏ, ସେତେବେଳେ କଟକ ହାଇକୋର୍ଟ ଓକିଲ ସଂଘ ବିରୋଧ ଆରମ୍ଭ କରି ଦେଇଥାଏ । ଏବେ ପୁଣି ସେଭଳି ଆଭିମୁଖ୍ୟ ଗ୍ରହଣ କରିଛି ହାଇକୋର୍ଟ ଓକିଲ ସଂଘ । ଏହାକୁ ନେଇ ପଶ୍ଚିମ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ସମ୍ବଲପୁରର ଜନସାଧାରଣରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।



ଉଲ୍ଲେଖଯୋଗ୍ୟ ଯେ, ଗତ ୧୯୫୯ ମସିହାରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ମୂଳଦୁଆ ପଡ଼ିଥିଲା । ସମ୍ବଲପୁର ଓକିଲ ସଂଘ ହାଇକୋର୍ଟର ସର୍କିଟ ବେଞ୍ଚ ସ୍ଥାପନ ଦାବିରେ ସେତେବେଳେ ଆନ୍ଦୋଳନ ଆରମ୍ଭ କରିଥିଲା । ପରବର୍ତ୍ତୀ ସମୟରେ ଏହା ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଇତିମଧ୍ୟରେ ଯେତେବେଳେ ବି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦିଗରେ କିଛି ସରକାରୀ ପଦକ୍ଷେପ ନିଆଯାଇଛି, ସେତେବେଳେ ହାଇକୋର୍ଟ ଓକିଲ ସଂଘ ଏହାର ବିରୋଧ କରିବା ଆରମ୍ଭ କରିଦେଇଛି । ଗତ ୨୦ ଏପ୍ରିଲରେ କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜିଜୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିଠି ଲେଖି ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହିତ ଆବଶ୍ୟକ ପରାମର୍ଶ ନେଇ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ଭିତ୍ତିଭୂମି, ଜଜ୍ ଓ କର୍ମଚାରୀମାନଙ୍କ ରହଣି ବ୍ୟବସ୍ଥା ଆଦି ସଂକ୍ରାନ୍ତରେ ଜଣାଇଥିଲେ । ଏହା ପରେ ଗତ ୧୬ ତାରିଖ ଦିନ ହାଇକୋର୍ଟ ଓକିଲ ସଂଘ ସାଧାରଣ ପରିଷଦ ବୈଠକ ଡାକି ପୁଣି ଥରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ ବିରୋଧ କରିଛି ।

ସମ୍ବଲପୁର ଜିଲ୍ଲା ଓକିଲ ସଂଘ ପକ୍ଷରୁ ଆହୂତ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର କୋର କମିଟିର ଏକ ବୈଠକରେ ହାଇକୋର୍ଟ ଓକିଲ ସଂଘର ଆଭିମୁଖ୍ୟକୁ ନାପସନ୍ଦ କରାଯାଇଛି । ଏ ସଂପର୍କରେ ଏକ ପ୍ରତିନିଧି ଦଳ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସାକ୍ଷାତ କରିବା ପାଇଁ ସ୍ଥିର ହୋଇଛି ।

ସମ୍ବଲପୁର ଡେଭ୍‌ଲପ୍‌ମେଣ୍ଟ ଫୋରମ୍ ପକ୍ଷରୁ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ହାଇକୋର୍ଟ ଓକିଲ ସଂଘର ଆଭିମୁଖ୍ୟକୁ ନାପସନ୍ଦ କରାଯାଇଛି । ଏଥି ସହିତ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସ୍ଥାୟୀ ବେଞ୍ଚ ସ୍ଥାପନ ସପକ୍ଷରେ ମତ ଦେବାକୁ ଅନୁରୋଧ କରାଯାଇଛି । ଏଥି ସହିତ ଅଗାମୀ ଦିନରେ ବୁଦ୍ଧିଜୀବୀମାନଙ୍କ ୫ ଜଣିଆ ଦଳକୁ ସାକ୍ଷାତ ପାଇଁ ଅନୁମତି ଦେବାକୁ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିବାକୁ ସ୍ଥିର କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ବର୍ତ୍ତମାନର ପତ୍ର ନିମନ୍ତେ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ପ୍ରଶଂସା କରାଯିବା ସହିତ ଆବଶ୍ୟକସ୍ଥଳେ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ସ୍ଥାପନ ନିମନ୍ତେ ସଂସଦରେ ଆଇନ ଆଣିବାକୁ ଅନୁରୋଧ କରାଯାଇଛି । ବୈଠକରେ ଫୋରମ୍ ସହ-ଅଧକ୍ଷ ପ୍ରଫେସର ଶଙ୍କର ପ୍ରସାଦ ପତି, ଅବସରପ୍ରାପ୍ତ ବିଚାରପତି ଗୋପରଂଜନ ଦୁବେ, ଡାକ୍ତର ରମାବଲ୍ଲଭ ମିଶ୍ର, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ଡାକ୍ତର ବିନୋଦ ନାଏକ, ପ୍ରଫୁଲ୍ଲ ହୋତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

ସେହିପରି ଏହାର ପ୍ରତିବାଦରେ ସମ୍ବଲପୁର ନାଗରିକ କଲ୍ୟାଣ ସମିତି ଓ ବିଭିନ୍ନ ସଂଗଠନର ସଦସ୍ୟ ଓ ସହରର ବୁଦ୍ଧିଜୀବୀମାନେ ହାଇକୋର୍ଟ ଓକିଲ ସଂଘର ନକରାତ୍ମକ ଆଭିମୁଖ୍ୟର ନିନ୍ଦା କରିଛନ୍ତି । ସମ୍ବଲପୁର ଜିଲ୍ଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ହାଇକୋର୍ଟ ଓକିଲ ସଂଘର କେବେ ହେଲେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଉନ୍ନତିକରଣରେ ବାଧା ସୃଷ୍ଟି କରିବାର କ୍ଷମତା ନାହିଁ ବୋଲି କୁହାଯାଇଛି ।

## ଶରତ ପଟ୍ଟନାୟକ ପିସିସି ସଭାପତି ହେଲେ

ଭୁବନେଶ୍ୱର : ଦୀର୍ଘ ୧୮ ବର୍ଷ ପରେ ପୁଣିଥରେ ପୂର୍ବତନ ଏମ୍.ପି ତଥା ବରିଷ୍ଠ କଂଗ୍ରେସ ନେତା ଶରତ ପଟ୍ଟନାୟକ ଦ୍ୱିତୀୟ ଥର ପାଇଁ ପିସିସି ସଭାପତି ହୋଇଛନ୍ତି । ଏନେଇ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଦଳର ଆନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀ ପିସିସି ସଭାପତି ଭାବରେ ଶରତ ପଟ୍ଟନାୟକଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି । ୧୯୯୧ ଏବଂ ୧୯୯୬ରେ ଶରତ ବଲାଙ୍ଗୀର ଲୋକସଭା ଆସନରୁ ସାଂସଦ ଭାବେ ପ୍ରତିନିଧିତ୍ୱ କରିଛନ୍ତି ।



ଶରତ ଛାତ୍ର ଜୀବନରୁ କଂଗ୍ରେସ ରାଜନୀତି ସହ ଜଡ଼ିତ । ୧୯୫୬ ମସିହାରେ ଜନ୍ମିତ ଏହି ରାଜନେତା ଜଣେ ଆଇନ ସ୍ନାତକ । ୧୯୮୦ ମସିହାରେ ପ୍ରଥମଥର ପାଇଁ ପ୍ରଦେଶ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହା ପରେ ଯୁବ କଂଗ୍ରେସ ଯୁଗ୍ମ ସମ୍ପାଦକ ଭାବେ ଶ୍ରୀ ପଟ୍ଟନାୟକ ୧୯୮୪-୮୬ ଯାଏଁ ଏବଂ ଉପସଭାପତି ଭାବେ ୧୯୮୮-୧୯୯୧ ଯାଏଁ କାର୍ଯ୍ୟ କରିଥିଲେ । ୧୯୯୧ରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଭାବେ ଶରତ ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କୁ ଲୋକସଭା ଟିକେଟ ମିଳିଥିଲା ଓ ସେ ବଲାଙ୍ଗୀର ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ । ୧୯୯୬ରେ ଦ୍ୱିତୀୟ ଥର ପାଇଁ ମଧ ଶରତ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଏହା ପରେ ନିର୍ବାଚନ ରାଜନୀତିରେ ଶରତ ସଫଳତା ପାଇ ନ ଥିଲେ । ମାତ୍ର ରାଜ୍ୟସ୍ତରୀୟ ସାଙ୍ଗଠନିକ ଦାୟିତ୍ୱ ତୁଲାଇଥିଲେ । ୧୯୯୬ରୁ ୧୯୯୮ ଯାଏଁ ଶରତ ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଏବଂ ୧୯୯୮ରୁ ୨୦୦୧ ଯାଏଁ ପିସିସି ଉପସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ୨୦୦୦ ମସିହାରେ ପିସିସି ବିଧାନସଭା ନିର୍ବାଚନରେ ଶୋଚନୀୟ ପରାଜୟ ବରଣ କରିବା ପରେ ୨୦୦୧ ଅକ୍ଟୋବରରେ ନେତୃତ୍ୱ ପରିବର୍ତ୍ତନ କରାଯାଇଥିଲା । ସେ ସେମୟରେ ଶରତ ୨୦୦୧ରୁ ଜାନୁୟାରୀ ୨୦୦୪ ଯାଏଁ ପିସିସି ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ । ୨୦୦୪ରେ ଧାର୍ଯ୍ୟ ସମୟ ପୂର୍ବରୁ ନିର୍ବାଚନ ହେବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ପୁଣି ପିସିସି ମୁଖ୍ୟ କରାଯାଇଥିଲା । ଏହା ପରେ ଶରତଙ୍କୁ ପ୍ରଥମ ଥର ପାଇଁ ଏଆଇସିସି ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଗତ ୨୦୧୯ ମସିହାରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ସେ ସମ୍ବଲପୁର ଆସନରୁ କଂଗ୍ରେସ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦିତା କରି ପରାଜିତ ହୋଇଥିଲେ ।

ଏ ସଂଖ୍ୟାରେ..


ମହା ସତୀ ସାବିତ୍ରୀ


ମୋଟାପା କମାଇବ ଡାଳିମ୍ବ ଜୁସ୍


ରୋଗର ବିଲୟକାରୀ ବେଲ


ହାଡ଼ ମଜଭୁତ କରେ କଦଳୀ


ରସୁଣର ଉପକାରିତା

# ଶିଶୁ ମୃତ୍ୟୁ ରୋକିବାରେ ଓଡ଼ିଶା ଦେଶରେ ପ୍ରଥମ

ଭୁବନେଶ୍ୱର : ଶିଶୁ ମୃତ୍ୟୁ ହାର କମାଇବାରେ ଓଡ଼ିଶା ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛି । ଶିଶୁ ମୃତ୍ୟୁହାରରେ ୩୯ ପଏଣ୍ଟ ହ୍ରାସ କରିବାରେ ଓଡ଼ିଶା ସଫଳ ହୋଇଛି । ୨୦୦୫ ରୁ ୨୦୨୦ ମଧ୍ୟରେ ରାଜ୍ୟକୁ ଏହି ସଫଳତା ମିଳିଛି । ସମୟ ମଧ୍ୟରେ ଏହା ସମଗ୍ର ଦେଶରେ ସର୍ବାଧିକ ହ୍ରାସ ବୋଲି କୁହାଯାଇଛି । ବର୍ତ୍ତମାନ ରାଜ୍ୟର ଶିଶୁ ମୃତ୍ୟୁ ହାର ପ୍ରତି ଏକ ହଜାରରେ ୩୬ କୁ ହ୍ରାସ ପାଇଛି ।

ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ଦେଇଥିବା ତଥ୍ୟ ଅନୁସାରେ ୨୦୦୫ ରୁ ୨୦୨୦ ମଧ୍ୟରେ ଓଡ଼ିଶାରେ ଶିଶୁ ମୃତ୍ୟୁ ହାର ସର୍ବାଧିକ ୩୯ ପଏଣ୍ଟ ହ୍ରାସ ପାଇଥିବା ବେଳେ ଏହା ପଛକୁ ରାଜସ୍ଥାନ (୩୬), ଉତ୍ତର ପ୍ରଦେଶ (୩୫), ବିହାର (୩୪), ମଧ୍ୟ ପ୍ରଦେଶ, ଆନ୍ଧ୍ର ପ୍ରଦେଶ ଓ ଜମ୍ମୁ କାଶ୍ମୀର (୩୩), ହିମାଚଳ ପ୍ରଦେଶ, ଆସାମ ଓ ହରିୟାନା (୩୨) ଅଛନ୍ତି । ଏହି ତାଲିକାରେ ମହାରାଷ୍ଟ୍ର, ଦିଲ୍ଲୀ, କେରଳ, ତାମିଲନାଡୁ, ପଞ୍ଜାବ, ଗୁଜରାଟ ଭଳି ରାଜ୍ୟ ବହୁ ପଛରେ ଅଛନ୍ତି । ଏହି ସମୟ ମଧ୍ୟରେ ଜାତୀୟ ସ୍ତରରେ ଶିଶୁ ମୃତ୍ୟୁ ହାର ୩୦ ପଏଣ୍ଟ ହ୍ରାସ ପାଇଛି । ୨୦୦୧ରେ ପ୍ରତି ଏକ ହଜାର ପ୍ରସବରେ ୯୬ ଜଣ ଶିଶୁ ପ୍ରାଣ ହରାଉଥିଲେ । ପ୍ରସବ ପାଇଁ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଆଣିବା, ଡାକ୍ତରଖାନାରେ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ସରକାର ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଆରମ୍ଭ କରିଥିଲେ । ପିଲାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ରୋଗର ମିଳିତ ପ୍ରୟାସ ଆରମ୍ଭ ହୋଇଥିଲା । ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ମିଶନ୍ ଶକ୍ତି ଏଥିରେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି । ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରାଯାଇଛି । ଶିଶୁଙ୍କ ଠାରେ ଓଜନ ହ୍ରାସ କୁପୋଷଣ, ଉଚ୍ଚତା ହ୍ରାସ ଭଳି ସମସ୍ୟା ଦୂର ହେବା ଆରମ୍ଭ କରିଥିଲା । ଏଥିସହ ଶିଶୁଙ୍କର ନିୟମିତ ଟିକାକରଣକୁ ସୁନିଶ୍ଚିତ କରାଯାଇଛି । ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରତି ଜିଲ୍ଲାରେ ସ୍ୱତନ୍ତ୍ର ଭାବେ ମାତୃ ଶିଶୁ ଡାକ୍ତରଖାନା ପ୍ରତିଷ୍ଠା କରାଯାଇଛି । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସ 'ଜନନୀ ଏକ୍ସପ୍ରେସ୍' ବ୍ୟବସ୍ଥା ହୋଇଛି । ୨୦୦୫ ରେ ଆରମ୍ଭ ହୋଇଥିବା ଜନନୀ ସୁରକ୍ଷା ଯୋଜନାରେ ଡାକ୍ତରଖାନା ପରିବହନ ପାଇଁ ଆର୍ଥିକ ସହାୟତା ଦିଆଯାଉଛି । ଫଳରେ ଗର୍ଭବତୀ କିମ୍ବା ନବଜାତଙ୍କୁ ଡାକ୍ତରଖାନାରେ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ସମ୍ଭବ ହୋଇଛି । ଅପରିପକ୍ୱ ଶିଶୁ ଜନ୍ମ, ସଂକ୍ରମଣ, ଡାଇରିଆ, ଶ୍ୱାସଜନିତ ସମସ୍ୟା, କାମଳ ରୋଗରୁ ପିଲାଙ୍କୁ ସୁରକ୍ଷା ଦିଆଯାଉଛି ।



ସେହିପରି ମାତୃ ମୃତ୍ୟୁହାର କମାଇବାରେ ମଧ୍ୟ ଓଡ଼ିଶା ଆଗୁଆ ରହିଛି । ସଦ୍ୟ ପ୍ରକାଶିତ ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ରିପୋର୍ଟ ଅନୁସାରେ ଓଡ଼ିଶାରେ ମାତୃ ମୃତ୍ୟୁ ହାର ୧୪ ପଏଣ୍ଟ ହ୍ରାସ ପାଇଛି । ୨୦୧୭ -୧୯ ମଧ୍ୟରେ ଏହି ସଫଳତା ମିଳିଛି । ଫଳରେ ଏକ ଲକ୍ଷ ପ୍ରସବରେ ମୃତ୍ୟୁ ସଂଖ୍ୟା ୧୩୬ କୁ ହ୍ରାସ ପାଇଛି । ୨୦୧୬-୧୮ ରେ ପ୍ରତି ଏକ ଲକ୍ଷରେ ୧୫୦ ମୃତ୍ୟୁ ହେଉଥିଲା । ଏମଏମଆର ହ୍ରାସ ତାଲିକାରେ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଅଧୀନରେ ମାତୃ ମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । ବିଶେଷକରି ସମ୍ବେଦନଶୀଳ ଗର୍ଭବତୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ସହିତ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ଇଣ୍ଟିଗ୍ରେଟେଡ୍ ଭିଲେଜ ହେଲଥ୍ ସାନିଟେସନ୍ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି । ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ୍ ପ୍ରଚଳନ କରାଯାଇ ଥିବା ବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ୍ (ଏଚଡିୟୁ), ଅତିରିକ୍ତ ମାତୃତ୍ୱ ପ୍ରତୀକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା' ଓ ଶିଶୁ କିଟ୍ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି । ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ୍ (ଏନ୍‌ଏଚ୍‌ଆର୍‌ଏମ୍) ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ୍ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି । ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି ।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ ମାତୃମୃତ୍ୟୁହାର ହ୍ରାସ କରିବାରେ ଓଡ଼ିଶା ଦେଶର ପ୍ରଥମ ୫ଟି ରାଜ୍ୟ ମଧ୍ୟରେ ରହିଛି । ଉତ୍ତର ପ୍ରଦେଶ, ବିହାର, ପଞ୍ଜାବ, ରାଜସ୍ଥାନ ତାଲିକାର ଶୀର୍ଷରେ ରହିଛନ୍ତି । ପୂର୍ବାପେକ୍ଷା ଓଡ଼ିଶାରେ ଏମ୍‌ଏମ୍‌ଆର ୮୫% ହ୍ରାସ ପାଇଛି । ଜାତୀୟ ସ୍ତରରେ ଏମ୍ ଏମ୍‌ଆର ୧୦ ପଏଣ୍ଟ (୬୫%) ହ୍ରାସ ପାଇଛି । ମାତୃ ମୃତ୍ୟୁ ପାଇଁ ପ୍ରସବ ସମୟରେ ଜଟିଳତା, ସଂକ୍ରମଣ ଏବଂ ଅସୁରକ୍ଷିତ ଗର୍ଭପାତ ଦାୟୀ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ହେଉଛି ଦୁଇ ବର୍ଷ ତଳର । ୨୦୧୯ ପରେ ଶିଶୁ ଓ ମାତୃ ସୁରକ୍ଷା ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି । ବିଶେଷକରି ସବୁ ଡାକ୍ତରଖାନାରେ ମାତୃ ଶିଶୁ ଡାକ୍ତରଖାନା ପ୍ରତିଷ୍ଠା ସହିତ ଅନ୍ୟ ଭିତ୍ତିଭୂମି ସୁଦୃଢ଼ କରାଯାଇଛି । ଅଗମ୍ୟ ଅଞ୍ଚଳରେ ଆମ୍ବୁଲାନ୍ସ ପହଞ୍ଚିବା ପ୍ରକ୍ରିୟା ପୂର୍ବାପେକ୍ଷା ତ୍ୱରାନ୍ୱିତ ହୋଇଛି । ତେଣୁ ଏବେ ଏମଏମଆର ଆହୁରି ହ୍ରାସ ପାଇଛି ବୋଲି କୁହାଯାଇଛି ।

## ପୁଲିସ ଓ ଶୀତଳଷଷ୍ଠୀ ଯାତ୍ରା କମିଟି ଶାନ୍ତି ବୈଠକ

ସମ୍ବଲପୁର : ପୁଲିସ ଓ ଶୀତଳଷଷ୍ଠୀ ଯାତ୍ରା କମିଟି ମଧ୍ୟରେ ଏକ ଶାନ୍ତି ବୈଠକ ଜିଲା ଆରକ୍ଷୀ ଅଧିକ୍ଷକ ବାତୁଲା ଗଙ୍ଗାଧରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶିବପାର୍ବତୀଙ୍କ ଲୋକାଚାର ବିବାହ, ଶୋଭାଯାତ୍ରା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ବିଭିନ୍ନ ନୀତିନିୟମ ଓ ନିୟମାବଳୀ ସମ୍ପର୍କରେ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଥିଲେ । ଶୋଭାଯାତ୍ରା ମାର୍ଗ ଗୁଡିକ ସମ୍ପୂର୍ଣ୍ଣ ସିସିଟିଭି କଭରେଜରେ ଅନ୍ତର୍ଭୁକ୍ତ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ମଦ୍ୟପ ମାନଙ୍କୁ ଉତ୍ସବରେ ସାମିଲ ହେବାକୁ ଦିଆଯିବ ନାହିଁ ଓ ଅପରାଧ ରେକର୍ଡ ତଥା ଅସାମାଜିକ ବ୍ୟକ୍ତିଙ୍କ ପ୍ରତି ତୀକ୍ଷ୍ଣ ନଜର ରଖାଯିବ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଥିଲା । ସେମାନଙ୍କୁ ମଧ୍ୟ ଯାତ୍ରାରେ ସାମିଲ ନ କରିବା ସହ ଯେଉଁଭଳି ସେମାନେ ଅପରାଧ ନ ଘଟାନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଥାନା ଅଧିକାରୀମାନଙ୍କୁ ଏସ୍.ପି ନିର୍ଦ୍ଦେଶ ଦେଇଥିଲେ । ବିଧି ଓ ବ୍ୟବସ୍ଥା ସହ ଶାନ୍ତିଶୃଙ୍ଖଳାର ସହ ଯାତ୍ରା କରିବାକୁ ସମସ୍ତ ଉପସ୍ଥିତ ଯାତ୍ରା କମିଟିକୁ ପୁଲିସ ବିଭାଗ ଅନୁରୋଧ କରିଥିଲା । କରୋନା ମହାମାରୀ ପରେ ଏହି ଯାତ୍ରା ହେଉଥିବାରୁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଥିବାରୁ ଆଇନ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ସହ ସାଦା ପୋଷାକଧାରୀ ପୋଲିସ ନିୟୋଜିତ କରାଯିବାକୁ ସ୍ଥିର ହୋଇଥିଲା । ଏହି ବୈଠକରେ ନନ୍ଦପଡା, ଝାଡୁଆପଡା, ମୁଦିପଡା, ବାଲିବନ୍ଧା, ବଡବଜାର, ଠାକୁରପଡା ଓ ଗୁଡ଼େଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସମେତ ଶିକ୍ଷାନବିଶ ଆଇପିଏସ୍ ଜି. ହରିଶ, ଅତିରିକ୍ତ ଏସ୍ପି ଏଟକୋ କୁକୁର, ଡିଏସ୍ପି ଜେମ୍ସ ସାମଦ, ଟ୍ରାଫିକ ଡିଏସ୍ପି ନରେନ୍ଦ୍ର ଷଡଙ୍ଗୀ, ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ, ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ, ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା, ଧନୁପାଲି ଥାନା ଅଧିକାରୀ ଅନୀତା ପ୍ରଧାନ ଓ କ୍ଷେତରାଜପୁର ଆଦର୍ଶ ଥାନା ଅଧିକାରୀ ମମତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ସୁବର୍ଣ୍ଣ ଜୁବୁଲି ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର : ନେତାଜୀ ସୁଭାଷଚନ୍ଦ୍ର ବୋଷ କଲେଜର ସୁବର୍ଣ୍ଣ ଜୁବୁଲି ସମାରୋହ ପାଳନ ପରିପ୍ରେକ୍ଷୀରେ ଅଧ୍ୟକ୍ଷ ଡକ୍ଟର ଦୁର୍ଲଭ କୁମାର ସାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ଜୁଲାଇ ମାସରେ ସମାରୋହର ଉଦ୍‌ଘାଟନ ଏବଂ ଆସନ୍ତା ବର୍ଷ ଜାନୁୟାରୀ ୨୩ ତାରିଖରେ ସମ୍ବତ୍ସର ପାଳନ ପାଇଁ ଏଥିରେ ନିଷ୍ପତ୍ତି ହୋଇଥିଲା । ଅଧ୍ୟକ୍ଷ ଡକ୍ଟର ସା, ବରିଷ୍ଠ ଓଏଏସ୍ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ପ୍ରଦୀପ କୁମାର ଦାଶ, ସିଦ୍ଧାର୍ଥ ସାହା, ଜୟଶଙ୍କର ମିଶ୍ର, ସରୋଜ କୁମାର ସାହୁ, ପରଭେଜ୍ ଅଲ୍ଲୀ ଖାନ୍, ହୀରାଲାଲ ବେହେରା, ସଂଜୀବ ଗର୍ଡିଆ, ମହେଶ ପଟେଲ ପ୍ରମୁଖଙ୍କୁ ନେଇ ଏକ କୋର କମିଟି ଗଠନ କରାଯାଇଥିଲା । ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ଏବଂ ନୀତେଶ ଗଙ୍ଗଦେବ, ସରକାରୀ ଦଳର ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର ଏବଂ ନାଉରୀଚନ୍ଦ୍ର ନାୟକ, ଜିଲ୍ଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ଜିଲ୍ଲାପରିଷଦ ଅଧ୍ୟକ୍ଷ କୁମୁଦିନୀ ନାୟକଙ୍କୁ ପୃଷ୍ଠପୋଷକ, ଅନିରୁଦ୍ଧ ପ୍ରଧାନଙ୍କୁ ସମାରୋହ କମିଟି ଚେୟାରମେନ୍, ଡକ୍ଟର ଶ୍ୟାମ ଭୋଇ ଭାଇସ୍ ଚେୟାରମେନ୍, ଅଧ୍ୟକ୍ଷ ଡକ୍ଟର ସା ସଭାପତି, ପ୍ରଦୀପ କୁମାର ଦାଶ କାର୍ଯ୍ୟକାରୀ ସଭାପତି ଦାୟିତ୍ୱରେ ରହିବେ ।




ସେହିଭଳି ଡକ୍ଟର ଆର୍.ଏମ୍. ନାଏକ, ସରୋଜ ସାହୁ, ସିଦ୍ଧାର୍ଥ ସାହା ଏବଂ ମନୋଜ ମହାପାତ୍ର ଉପସଭାପତି, ଜୟଶଙ୍କର ମିଶ୍ର କୋଷାଧକ୍ଷ, ବୀରେନ୍ଦ୍ର ଦିକ୍ଷୀତ ଉପକୋଷାଧକ୍ଷ, ଡକ୍ଟର ବିଶ୍ୱମୋହନ ଜେନା, ହୀରାଲାଲ ବେହେରା, ପରଭେଜ୍ ଅଲ୍ଲୀଖାନ୍ ସାଧାରଣ ସଂପାଦକ, ପ୍ରମୋଦ କୁମାର ମିସ୍ତ୍ରୀ, ଦୀପକ କୁମାର ସାମଲ, ଏଚ୍.ପି ନନ୍ଦ, ପୂର୍ଣ୍ଣେନ୍ଦ୍ର ପଣ୍ଡା ସମ୍ପାଦକ ଏବଂ ହରିହର ମଲ୍ଲିକ, ସୁବାଷ ବେହେରା, ଶିବଶଙ୍କର ପଣ୍ଡା, ମହମ୍ମଦ ତସ୍‌ଲିମ୍ ସଂଗଠନ ସମ୍ପାଦକ ମନୋନୀତ ହୋଇଥିଲେ । ଡକ୍ଟର ଶ୍ୟାମ ଭୋଇ ସ୍ମରଣିକା କମିଟିର ଚେୟାରମେନ୍ ରହିବେ ।

ଏତଦ୍ ବ୍ୟତୀତ ମନୋଜ ପୁରୋହିତ, ଦେବାଶୀଷ ଦାଶ, ସୌରଭ ଦାଶ, ସଂଜୟ ବାରିକ୍, ନିରଂଜନ ରାଉତ, ପ୍ରଦୀପ ବହିଦାର, ଶୋଭନ୍ ବେହେରା, ପ୍ରଭାତୀ ବେହେରା, ଜଗଦୀଶ ପୁରୋହିତଙ୍କୁ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଥିବା ବେଳେ ସାଂସ୍କୃତିକ, ସ୍ମରଣିକା ପ୍ରକାଶନ, ଅର୍ଥ, ଜନସମ୍ପର୍କ ଓ ଗଣମାଧ୍ୟମ ଯୋଗାଯୋଗ ପ୍ରଭୃତି କାର୍ଯ୍ୟ ପାଇଁ କମିଟିମାନ ଗଠନ କରାଯାଇଛି । ଆସନ୍ତା ମାସ ସମାରୋହ ପାଳନ ପାଇଁ ଆଉ ଏକ ପରିବର୍ତ୍ତିତ ବୈଠକ କରାଯିବ ବୋଲି ଜଣାଯାଇଛି ।

# ଭାଗବତ

## ଦତ୍ତାତ୍ରେୟ ପ୍ରସଙ୍ଗ

'ଉଦ୍ଧବ ! ତ୍ୟାଗରୁ ଅମୃତ ଲାଭ ହୋଇଥାଏ । ପୋଥିରେ ପଢ଼ା ଯାଉଥିବା ପାଠ ଉତ୍ତମ ରୂପେ ପଠନ ମନନ ହୋଇ ପାରେ ନାହିଁ । ସବୁଠାରୁ ବଡ଼ ଉପାଦେୟ ଶାସ୍ତ୍ର ହେଉଛି ସଂସାର । ସଂସାରର ଘଟଣାବଳୀକୁ ଲକ୍ଷ୍ୟ କରି ବିଚାର ଓ ମନନ କରୁଥିବା ଲୋକର କୌଣସି ଗୁରୁ ଦରକାର ନାହିଁ । ବିଚାରଶୀଳ ବ୍ୟକ୍ତି ସ୍ୱୀୟ ଚିତ୍ତବୃତ୍ତିକୁ ଅଶୁଭ କାମନା ଓ ବାସନାଠାରୁ ମୁକ୍ତ କରିଦିଏ ତୁମେ ତୁମର ଗୁରୁ । ଭାବପୂର୍ବକ ପ୍ରଯତ୍ନ କର । ଯେ ପର୍ଯ୍ୟନ୍ତ ତୁମ ଭିତରୁ ପ୍ରେରଣା ନ ଆସେ ସେ ପର୍ଯ୍ୟନ୍ତ ଉଦ୍ଧାର ହୋଇ ପାରେ ନାହିଁ । ତେଣୁ ହେ ଉଦ୍ଧବ । ତୁମେ ନିଜେ ତୁମର ଗୁରୁ ହୋଇ ନିଜର ଉଦ୍ଧାର ନିମନ୍ତେ ଉଦ୍ୟୋଗ କର । ମନେରଖିଥିବ, ମୋ ଛଡ଼ା ଆଉ ଯାହା ଦେଖାଯାଏ ସେ ସମସ୍ତ ମିଥ୍ୟା ।

ଉଦ୍ଧବ ! ମୁଁ ତୁମର ଧନ ନୁହେଁ ମନ ହିଁ ଚାହୁଁଛି । ସମସ୍ତଙ୍କ ଠାରେ ଏକ ଈଶ୍ୱରଙ୍କୁ ଦର୍ଶନ କର । ମନକୁ ମୋତେ ଦେଇ ଦିଅ ।'' ଉଦ୍ଧବ କହିଲେ, ମୋତେ ଆପଣଙ୍କ ଛଡ଼ା ଆଉ କିଏ ଆତ୍ମଜ୍ଞାନର ଉପଦେଶ ଦେଇପାରିବ ?

ଭଗବାନ୍ କହିଲେ, ''ମୁଁ ଅନେକ ପ୍ରକାରର ଶରୀର ନିର୍ମାଣ କରିଛି । ହେଲେ ମନୁଷ୍ୟ ଶରୀର ମୋର ଅତି ପ୍ରିୟ । ଏହି ମଣିଷ ଶରୀରରେ ଜୀବ ତୀକ୍ଷ୍ଣ ଓ ଏକାଗ୍ର ବୁଦ୍ଧିଯୁକ୍ତ ହୋଇ ଈଶ୍ୱରଙ୍କର ସାକ୍ଷାତ୍ ଅନୁଭବ କରିବା ଉଚିତ । ଏ ସମ୍ବନ୍ଧରେ ଅବଧୂତ ଦତ୍ତାତ୍ରେୟ ଓ ଯଦୁରାଜଙ୍କ ମଧ୍ୟରେ ହୋଇଥିବା କଥୋପକଥନ ଶ୍ରବଣ ଯୋଗ୍ୟ ।

ଉଦ୍ଧବ ! ଯଦୁରାଜ ଅବଧୂତ ଦତ୍ତାତ୍ରେୟଙ୍କୁ ଠିକ୍ ଏହିଭଳି ପ୍ରଶ୍ନ ପଚାରିଥିଲେ । ଯଦୁରାଜା ଦେଖିଲେ ଯେ ତ୍ରିକାଳଦର୍ଶୀ ଅବଧୂତ ବ୍ରାହ୍ମଣ ନିର୍ଭୟତାରେ ବିଚରଣ କରୁଛନ୍ତି । ତେଣୁ ସେ ତାଙ୍କୁ ପଚାରିଲେ, 'ହେ ଭଗବନ୍ ! ଆପଣଙ୍କ ଭଳି ମୋ ଶରୀର ପୃଷ୍ଟ ନୁହେଁ । ଯେଉଁ କାମ ଓ ଲୋଭର ଅଗ୍ନିରେ ସଂସାରର ସମସ୍ତେ ଜଳିବାରେ ଲାଗିଛନ୍ତି, ଆପଣ ଏଥିରେ ଆଦୌ ସାମାନ୍ୟ ମାତ୍ର ପ୍ରଭାବିତ ହେଉନାହାନ୍ତି । ଆପଣ ଆପଣଙ୍କ ନିଜ ସ୍ୱରୂପରେ ସ୍ଥିତ ଅଛନ୍ତି । ଆପଣ ଆପଣଙ୍କ ଆତ୍ମାରେ ଅନିର୍ବଚନୀୟ ଆନନ୍ଦ କିପରି ପାଇ ପାରୁଛନ୍ତି । ଏହି ଶିକ୍ଷା ଆପଣ କେଉଁ ଗୁରୁଙ୍କଠାରୁ ଲାଭ କରିଛନ୍ତି ?

ଅବଧୂତ କହିଲେ, ମୋର ପୃଥିବୀ, ବାୟୁ, ଆକାଶ, ମାଛ, ପକ୍ଷୀ, ମହୁମାଛି ଏପରି ଚବିଶ ଗୁରୁ ଅଛନ୍ତି । ମୁଁ ସେହିମାନଙ୍କଠାରୁ ଶିକ୍ଷାଲାଭ କରି ନିର୍ଭୟରେ ନିର୍ଭୀକ ଭାବରେ ପୃଥିବୀ ବିଚରଣ କରୁଛି ।

ଯଦୁରାଜ କହିଲେ, ଏମାନେ ତ ମୂର୍ଖ, ଅଜ୍ଞ । ଏହି ଅଶିକ୍ଷିତଙ୍କଠାରୁ ଆପଣ କିପରି ଶିକ୍ଷାଲାଭ କଲେ ?

ଦତ୍ତାତ୍ରେୟ ହସି ହସି କହିଲେ, ରାଜନ୍ । ସଂସାରର ଜଡ଼ ବସ୍ତୁଙ୍କ ଠାରେ ଆନନ୍ଦ ନାହିଁ ବୋଲି ମୁଁ ଜାଣିଗଲି । ତେଣୁ ଜଡ଼ ବସ୍ତୁଠାରୁ ମୁଁ ମୋ ମନକୁ ଦୂରେଇ ହେଇ ସମସ୍ତର ଦ୍ରଷ୍ଟା ଆତ୍ମସ୍ୱରୂପ ଠାରେ ଦୃଷ୍ଟି ସ୍ଥିର କରି ଦ୍ରଷ୍ଟାଙ୍କୁ ଦର୍ଶନ କରୁଛି । ଦୃଶ୍ୟରୁ ଦୃଷ୍ଟିକୁ ଦୂରେଇ ମୁଁ ଦ୍ରଷ୍ଟାଙ୍କ ଠାରେ ସ୍ଥିର କରିଦେଉଛି ଏବଂ ତହିଁରେ ଆନନ୍ଦ ପାଉଛି । ''ରାଜନ୍ । ଆନନ୍ଦ ବାହାର ବିଷୟରେ ନାହିଁ, ଅନ୍ତରର ଭିତରରେ ଅଛି । ମୁଁ ମୋ ଦୃଷ୍ଟିକୁ ଅନ୍ତର୍ମୁଖୀ କରି ଦେଇଛି । ମୁଁ ମୋ ନିଜ ସ୍ୱରୂପରେ ସ୍ଥିତ ଅଛି । ପ୍ରାରବ୍ଧ ଯାହା ଦେଉଛି ତାହାକୁ ଆନନ୍ଦରେ ସ୍ୱୀକାର କରୁଛି । ତୁମେ ବି ନିଜକୁ ସୁଧାରି ଦିଅ ।''

ଦୀକ୍ଷା-ଗୁରୁ ଜଣେ ହୋଇଥାଏ; କିନ୍ତୁ ଶିକ୍ଷାଗୁରୁ ଅନେକ ହୋଇପାରନ୍ତି । ମୁଁ ଜଣଙ୍କୁ ନୁହେଁ, ଚବିଶ ଜଣ ଗୁରୁଙ୍କ ଠାରୁ ଜ୍ଞାନ ପାଇଛି । ମୋ ଗୁରୁମାନଙ୍କ ନାମ ନିମ୍ନ ପ୍ରକାରରେ- ପୃଥ୍ୱୀ ହେଉଛି ମୋର ପ୍ରଥମ ଗୁରୁ । ମୁଁ ପ୍ରତ୍ୟହ ପ୍ରଭାତରେ ତାଙ୍କୁ ବନ୍ଦନା କରୁଛି । ହାତ ହେଉଛି କ୍ରିୟାତ୍ମକ ଶକ୍ତିର ପ୍ରତୀକ । ତେଣୁ ପରମାତ୍ମାଙ୍କୁ ପସନ୍ଦ ହେଲାଭଳି କ୍ରିଯା ହାତରେ କରୁଥିବା ଉଚିତ । ପୃଥିବୀ ନିଜ ମାତାଙ୍କ ଭଳି ମୋତେ ରକ୍ଷା କରୁଛି । ପୃଥିବୀ ସବୁ ସହୁଛି । ତାକୁ ଯେତେ ଖୋଳିବା, ହାଣିବା, ହଳ କରିବା ଆଦି କଷ୍ଟ ଦେଲେ ବି ସେ କଷ୍ଟପ୍ରଦାନକାରୀର କୌଣସି କ୍ଷତି କରୁନାହିଁ; ବରଂ ଅନ୍ନ ଜଳ ଦାନ କରୁଛି । ବୀଜ ବର୍ଷନ କରୁଛି । ସୁନା, ରୁପା, ହୀରା, ନୀଳାଦି ଦାନ କରୁଛି । ସାଧୁ ଓ ସନ୍ଥ ସବୁ ସହ୍ୟ କରନ୍ତି । ତାଙ୍କର ଅପରାଧୀର ବି ସେମାନେ ଅନିଷ୍ଟ କାମନା କରନ୍ତି ନାହିଁ । ମୂର୍ଖ ତା ନିଜ ମୂର୍ଖାମିରେ ଜ୍ଞାନୀ ଓ ବିଦ୍ୱାନଙ୍କର ଅପରାଧ କରନ୍ତି । କିନ୍ତୁ ଜ୍ଞାନୀ ଓ ବିଦ୍ୱାନ ସେମାନଙ୍କର ସହନଶୀଳ ପ୍ରକୃତିରେ ଉଦାରତା ପ୍ରଦର୍ଶନ କରନ୍ତି ।

ପୃଥିବୀ ଧାରଣ କରିଥିବା ବୃକ୍ଷ ଓ ପର୍ବତ ମଧ ମୋ ଗୁରୁ । ଏମାନଙ୍କ ଠାରୁ ମୁଁ ପରୋପକାର ଶିକ୍ଷା ପାଇଛି । ବୃକ୍ଷ କାହାର କ୍ଷତି କରେ ନାହିଁ । ସେ ତ ତାହାର କର୍ତନକାରୀର ବି ଉପକାର କରିଥାଏ । ଏହିପରି ପୃଥିବୀଠାରୁ ମୁଁ ସହନଶୀଳତା ଓ ଧୈର୍ଯ୍ୟ ଶିକ୍ଷା କରିଛି ।

ବାୟୁ ମୋର ଦ୍ୱିତୀୟ ଗୁରୁ । ଏହାଠାରୁ ମୁଁ ସନ୍ତୋଷ ଓ ନିଃସଙ୍ଗତା ଶିକ୍ଷା କରିଛି । ବାୟୁ ଦୁଇ ପ୍ରକାରର । ପ୍ରଥମ ହେଉଛି ଆଭ୍ୟନ୍ତରୀଣ ବାୟୁ । ଏହା ଆମ ଶରୀର ଭିତରେ ଥାଏ । ଏହାକୁ ପ୍ରାଣବାୟୁ ବି କୁହାଯାଏ । ଏହା ଆମର କ୍ଷୁଧା ତୃଷ୍ଣା ସୃଷ୍ଟି କରେ । ଅନ୍ନ ଓ ଜଳ ଦ୍ୱାରା ଏହା ସନ୍ତୁଷ୍ଟ ହୁଏ । ଦ୍ୱିତୀୟ ହେଲା ବାହ୍ୟ ବାୟୁ ଏହା ସର୍ବତ୍ର ଯାଏ ହେଲେ କାହା ସହିତ ଲିପ୍ତ ହୁଏ ନାହିଁ । ନିର୍ଲିପ୍ତ ରହେ । ଜ୍ଞାନୀ ବିଭିନ୍ନ ଗୁଣଯୁକ୍ତ ହୋଇଥାଏ । ମାତ୍ର ସେ କୌଣସି ଏକ ଗୁଣ ଦ୍ୱାରା



ପରିଚାଳିତ ହୁଏନାହିଁ । ସେ ଗୁଣପ୍ରତି ନିର୍ଲିପ୍ତ ଥାଏ । ଶରୀର ମଧ୍ୟରେ ଥାଇ ସୁଦ୍ଧା ତାହାଠାରୁ ଦୂରରେ ରହିବା ଓ ପ୍ରାଣରକ୍ଷା ନିମିତ୍ତ ପରିମିତ ହିତକାରକ ଭୋଜନ କରିବା ମୁଁ ବାୟୁଠାରୁ ଶିକ୍ଷା କରିଛି ।

ରାଜନ୍ । ମୋର ତୃତୀୟ ଗୁରୁ ହେଉଛି ଆକାଶ । ଆତ୍ମା ହେଉଛି ଆକାଶ ଭଳି ଅନାଦି ଓ ଅବିନାଶୀ । ଈଶ୍ୱର ଠିକ୍ ଆକାଶ ଭଳି ସର୍ବବ୍ୟାପୀ ।

ରାଜନ୍ । ମୋର ଚତୁର୍ଥ ଗୁରୁ ହେଉଛି ଜଳ । ଜଳରୁ ମୁଁ ଶୀତଳତା ଓ ମଧୁରତାର ଉପଦେଶ ପାଇଛି । ଜଳ ଯେପରି ଶୁଦ୍ଧ, ସାଧକ ସେହିଭଳି ସବୁବେଳେ ଶୁଦ୍ଧ ରହିବା ଉଚିତ । ମଣିଷ ସବୁବେଳେ ମଧୁରଭାଷୀ ଓ ଶୀତଳ ସ୍ୱଭାବଯୁକ୍ତ ହେବା ଉଚିତ । ଜଳ ସ୍ନେହଯୁକ୍ତ, ସର୍ବପ୍ରିୟ ଓ ସମସ୍ତଙ୍କୁ ତୃପ୍ତି ପ୍ରଦାନ କରେ । ସନ୍ଥ ମଧ ସେହିପରି ସ୍ନେହଯୁକ୍ତ, ସର୍ବପ୍ରିୟ ଓ ପ୍ରତ୍ୟେକଙ୍କୁ ତୃପ୍ତିପ୍ରଦାନ କରିବା ଉଚିତ ।

ରାଜନ୍ ! ମୋର ପଞ୍ଚମ ଗୁରୁ ହେଉଛନ୍ତି ଅଗ୍ନି । ଅଗ୍ନିଙ୍କଠାରୁ ମୁଁ ପବିତ୍ରତା ଶିଖିଛି । ପବିତ୍ରତା ଆସେ ତପ ଦ୍ୱାରା । ତପସ୍ୟା ତିନି ପ୍ରକାରର । କାୟିକ, ବାଚନିକ ଓ ମାନସିକ ତପସ୍ୟା । ଶାରୀରିକ ତପସ୍ୟା ଯଥା ଦେବତା ଅର୍ଚ୍ଚନା ପାଇଁ କରାଯାଉଥିବା କର୍ମ- ଯେପରି ଫୁଲଗୁନ୍ଥିବା, ଠାକୁର ଘର ସଜାଡ଼ିବା, ଠାକୁରଙ୍କୁ ଶୃଙ୍ଗାର କରିବା ।

ମୌନ ରହିବା ହେଉଛି ବାଚନିକ ତପସ୍ୟା । ମୌନ ରହିଥିବ ଅଥଚ ଅଙ୍ଗଭଙ୍ଗୀ, ଲେଖାଲେଖି ଦ୍ୱାରା ଅନ୍ୟଙ୍କୁ କଷ୍ଟ ବା ଦୁଃଖ ଦେବାଭଳି କର୍ମ କରୁଥିବ, ତେବେ ତାହା ଶଠତା ବା ଦମ୍ଭ ହୋଇଥାଏ ।

ସର୍ବଦା ପ୍ରସନ୍ନ ରହିବା ହେଉଛି ମାନସିକ ତପସ୍ୟା । ମନରେ କୁଟିଳତା ବା ପରଚିନ୍ତା ନ ଥିଲେ ମନ ପ୍ରସନ୍ନ ରହେ । ଅର୍ଥ ସଂଗ୍ରହ ଓ ଦ୍ରବ୍ୟ ସଞ୍ଚୟ ପାଇଁ ମନରେ ଭାବ ରହିଲେ ମନ ମଳିନ ହୋଇଯାଏ । ସଞ୍ଚୟ ବୃଦ୍ଧି ପରିତ୍ୟାଗ କରିବା ଦ୍ୱାରା ମନ ପ୍ରସନ୍ନ ରହେ । ଅଗ୍ନି ଯେପରି ଯାହା ପାଏ ତାକୁ ସଙ୍ଗେ ସଙ୍ଗେ ଭସ୍ମ କରେ, ଆସନ୍ତାକାଲି ପାଇଁ କିଛି ସଞ୍ଚୟ କରେ ନାହିଁ, ସେହିପରି ନିଗ୍ରହ ବୃଦ୍ଧି ମୁଁ ଅଗ୍ନିଙ୍କଠାରୁ ପାଇଛି ।

ଅଗ୍ନି ତେଜୋମୟୀ । ତପ କଲେ ତେଜ ବଢ଼େ । ସର୍ବଦା ତପସ୍ୟାରତ ରହି ସ୍ୱକୀୟ ତେଜ ବନ୍ଧନରେ ଲାଗିରହିବା ମୁଁ ଅଗ୍ନିଙ୍କଠାରୁ ଶିକ୍ଷା କରିଛି । ହୃଦୟରେ ବିବେକରୂପୀ ଅଗ୍ନି ଥିଲେ ପାପ ପ୍ରବେଶ କରିପାରେ ନାହିଁ । ବିବେକ ହେଉଛି ଅଗ୍ନି । କୌଣସି ବ୍ୟକ୍ତିଙ୍କୁ ଦୁର୍ବ୍ୟବହାର କରିବା ନିମନ୍ତେ ମନରେ ଧାରଣା ନ ରଖିବା ଉଚିତ । ଅନ୍ୟର ପାପ କଥା ଆଦୌ ଭାବିବା ଅନୁଚିତ । ଅନ୍ୟଙ୍କ ପାପ କଥା ମନରେ ଧାରଣ କରିବା ଅନୁଚିତ । ବିବେକାଗ୍ନିରେ ପାପକୁ ଜାଳିଦେବା ଉଚିତ ।

ରାଜନ୍ । ଚନ୍ଦ୍ର ହେଉଛନ୍ତି ମୋର ଷଷ୍ଠ ଗୁରୁ । ହ୍ରାସ ବୃଦ୍ଧି ଶରୀରର ହୁଏନାହିଁ । ସମ୍ପତ୍ତିରେ ନିଜର ସ୍ୱାଭାବିକ୍ ସ୍ଥିତିକୁ ନ ହରାଇବା ଉଚିତ ଏବଂ ବିପତ୍ତିରେ ଦୁଃଖୀ ହେବା ଅନୁଚିତ ।

ଚନ୍ଦ୍ରର ଯେଉଁ ହ୍ରାସ ବୃଦ୍ଧି ହୁଏ ତାହା ଚନ୍ଦ୍ରକଳାକୁ ଶରୀର ବୋଲି ଜାଣନ୍ତୁ । ଚନ୍ଦ୍ର ହେଉଛି ଆତ୍ମା । ଜ୍ଞାନୀ ସନ୍ଥମାନେ ଦୃଶ୍ୟମାନ ସାଂସାରିକ ବିବର୍ତ୍ତନରେ ନିର୍ବିକାର ଚିତ୍ତ ହେବା ବାଞ୍ଛନୀୟ ।

ରାଜନ୍ । ସୂର୍ଯ୍ୟ ହେଉଛନ୍ତି ମୋର ସପ୍ତମ ଗୁରୁ ମୁଁ ସୂର୍ଯ୍ୟଙ୍କଠାରୁ ଅନାସକ୍ତ ଭାବନା ଓ ଆତ୍ମାର ନିରବଚ୍ଛିନ୍ନତା ଶିକ୍ଷା କରିଛି । ସୂର୍ଯ୍ୟ ଜଳ ଗ୍ରହଣ କରନ୍ତି ମାତ୍ର ତାହା ସଞ୍ଚୟ କରି ରଖନ୍ତି ନାହିଁ । ପୁଣି ପୃଥିବୀକୁ ଜଳଦାନ କରନ୍ତି । ଏଣୁ ମଣିଷ ବସ୍ତୁ ସଞ୍ଚୟ ଭାବନା ମନରେ ପୋଷଣ କରିବା ଉଚିତ ନୁହେଁ ।

ଏକମାତ୍ର ସୂର୍ଯ୍ୟର ପ୍ରତିବିମ୍ବ ଅନେକ ଜଳପାତ୍ରରେ ଦେଖାଯାଏ । ଆତ୍ମା ସେହିଭଳି ଏକ, କିନ୍ତୁ ବିଭିନ୍ନ ଦେହାଦି ଉପାଧି ହେତୁ ଅନେକ ସ୍ୱରୂପର ଭଳି ଜଣାପଡେ । ବାସ୍ତବରେ କିନ୍ତୁ ଆତ୍ମା ଉପାଧି ରହିତ ହୋଇଥାଏ ।

ରାଜନ୍ ! କପୋତ ହେଉଛି ମୋର ଅଷ୍ଟମ ଗୁରୁ । କପୋତଠାରୁ ମୁଁ ଯଥାର୍ଥ ବୈରାଗ୍ୟ ଶିକ୍ଷା କରିଛି । ଅସଙ୍ଗତା ଓ ବୈରାଗ୍ୟ ହେଉଛି ଯୋଗୀ-ଜୀବନର ପରମ ଓ ଚରମ ଲକ୍ଷ୍ୟ । ଯୋଗୀଜନ କୌଣସି ବସ୍ତୁ କି ବ୍ୟକ୍ତି ପ୍ରତି ଅତିଶୟ ଆସକ୍ତ ହେବା ଅନୁଚିତ । କପୋତ ତାର ପତ୍ନୀ ଓ ପୁତ୍ର ଯୋଗୁଁ ମରିଗଲା । କାହାରି ହେଲେ ମୃତ୍ୟୁପରେ ବିଳାପ କରିବା ଅନୁଚିତ । କାରଣ ଯେ କାନ୍ଦେ ତାକୁ ବି ଦିନେ ଯିବାକୁ ହୁଏ । ତେଣୁ ଆଜି ଅନ୍ୟଙ୍କ ପାଇଁ କାନ୍ଦିବା ଅପେକ୍ଷା ନିଜ ପାଇଁ କାନ୍ଦିବା ଉଚିତ । ସ୍ନେହ ଏକ ସମ୍ବନ୍ଧ । ସ୍ନେହ କଲେ ସ୍ନେହକାରୀକୁ ପରେ ଅନେକ କଷ୍ଟ ଭୋଗ କରିବାକୁ ପଡ଼େ । ଆସକ୍ତି ଦ୍ୱାରା ମଣିଷର ପ୍ରକୃତ ଦାରିଦ୍ର୍ୟ ସୃଷ୍ଟି ହୁଏ ।

ଦତ୍ତାତ୍ରେୟ କହିଲେ, "ମହାରାଜ ! ଆସନ୍ତୋଷ ଓ ସ୍ନେହ ଅତି ବିପଦଜନକ କଥା । ମୋହ ଏକ ସୁଦୃଢ଼ ଜାଲ । ଏଥିରେ ଯିଏ ଥରେ ପଡ଼ିଯାଏ ସେ ମୁକୁଳିବା ଆଉ ସହଜ ହୁଏ ନାହିଁ । କୁଟୁମ୍ବ-ପରିବାର ପ୍ରତି ଆସକ୍ତ ଥିବା ଲୋକର ଚିତ୍ତ ସର୍ବଦା ଅଶାନ୍ତ ରହେ । ସେ ସବୁବେଳେ ସୁଖଦୁଃଖ, ହର୍ଷଶୋକାଦି ଦ୍ୱନ୍ଦରେ ଜଡ଼ିତ ରହେ । କୁଟୁମ୍ବ ପ୍ରତିପୋଷଣରେ ତାର ସମସ୍ତ ସମୟ ଅତିବାହିତ ହୋଇଯାଏ । ସେ କପୋତ ଭଳି ମୃତ୍ୟୁ ବରଣ କରେ । ତେଣୁ କାହାରିକୁ ଅତ୍ୟଧିକ ସ୍ନେହ କରିବା ଉଚିତ ନୁହେଁ ।

ରାଜନ୍ ! ମୋର ନବମ ଗୁରୁ ହେଉଛି ଅଜଗର । ଅଜଗର ଏକ ସ୍ଥାନରେ ପଡ଼ିରହିଥାଏ ସେ ତା'ର ପ୍ରାରବ୍ଧ ଉପରେ ନିର୍ଭର କରି ରହେ । ଆମେ ଜାଣିବା ଉଚିତ ଯେ ଆମ ଭାଗ୍ୟରେ ଯାହା ଥିବ କାଳେ ତାହା ଆମକୁ ପ୍ରାପ୍ୟ ନିଶ୍ଚୟ ହେବ । ଆଉ ଯାହା ମିଳିବାର କଥା ଆମେ ଯେତେ ଯତ୍ନ କଲେ ବି ତାହା କଦାପି ପାଇ ପାରିବା ନାହିଁ ।

ପ୍ରାରବ୍ଧ ଅନୁସାରେ ତେଣୁ ଯାହା ମିଳିବ ସେଥିରେ ସନ୍ତୁଷ୍ଟ ରହିବା ପାଇଁ ମୁଁ ଅଜଗର ଠାରୁ ଶିକ୍ଷା ଗ୍ରହଣ କରିଛି ।

ମଣିଷର ଚିତ୍ତ ସର୍ବଦା ଚଞ୍ଚଳ ହୃଦୟରେ ଭୟ ଓ ଆଶଙ୍କା ପୂର୍ବ ହୋଇ ରହିଥାଏ । ଧନ, ସମ୍ପତ୍ତି, ପ୍ରତିଷ୍ଠା ପାଇଲେ ମଣିଷ ଫୁଲି ଉଠେ । ଆଉ ଅଭାବ ଓ ଦୁଃଖ ସମୟରେ ଭାଙ୍ଗି ପଡ଼େ । ସମୁଦ୍ର କିନ୍ତୁ ବର୍ଷା ଦିନରେ ଅଧିକ ଜଳ ପାଇ ହେଉ ବା ଗ୍ରୀଷ୍ମ ଦିନରେ ଜଳ ବାଷ୍ପୀଭୂତ ହେବା କାରଣରୁ ହେଉ, ଅବିଚଳିତ ରହିଥାଏ । ଯୋଗୀ ଜନ ସୁଖଦୁଃଖ ସମୟରେ ସମ ଭାବରେ ରହିବା ଉଚିତ, ଏହି କଥା ମୁଁ ସମୁଦ୍ରଠାରୁ ଶିକ୍ଷାକଲି ।

ରାଜନ୍ । ମୋର ଏକାଦଶ ଗୁରୁ ପତଙ୍ଗ । ପତଙ୍ଗ ଅଗ୍ନି ଦ୍ୱାରା ମୋହିତ ହୋଇ ତହିଁରେ ଆକର୍ଷିତ ହୋଇ ପଶିଯାଏ ଓ ମରେ । ମନୁଷ୍ୟ ସେହିଭଳି ମାୟାରେ ମୋହିତ ହୋଇ ତହିଁରେ ଫସିଯାଏ ଓ ନିଜର ସର୍ବନାଶ କରି ଦେଇଥାଏ ।

ପତଙ୍ଗ ଭଳି ସୌନ୍ଦର୍ଯ୍ୟ ପଛରେ ପାଗଳ ହୋଇଗଲେ ନିଜର ଅହିତ ହୋଇଥାଏ । ଜଗତର ବିଷୟ ଉପରକୁ ତ ଅତି ସୁନ୍ଦର ଦେଖାଯାଏ, କିନ୍ତୁ ଭିତର ଅତି ଅସୁନ୍ଦର । ଏକମାତ୍ର ଶ୍ରୀକୃଷ୍ଣ ହେଉଛନ୍ତି ସୁନ୍ଦର । ତାଙ୍କୁ ହିଁ ପ୍ରେମ କରିବା ଉଚିତ ।

ରାଜନ ! ମୋର ଦ୍ୱାଦଶ ଗୁରୁ ଭ୍ରମର । କୌଣସି ଜଣଙ୍କ ପାଖରେ, ଗୋଟିଏ ବିଷୟରେ ଅତ୍ୟଧିକ ଆସକ୍ତି ପ୍ରକାଶ କଲେ ପରବର୍ତ୍ତୀ କାଳରେ ମହାନ୍ ବିପଦରେ ପଡ଼ିବାକୁ ହୁଏ । ତେଣୁ ପ୍ରତ୍ୟେକ ବିଷୟରେ ସାର ଗ୍ରହଣ କରିବା ଉଚିତ ଏବଂ ସେହି ବିଷୟ ପ୍ରତି ଆଦୌ ଆସକ୍ତ ହେବା ଉଚିତ ନୁହେଁ । ଏହି କଥା ମୁଁ ଭ୍ରମରଠାରୁ ଶିକ୍ଷା କରିଛି ।

ଶ୍ରୀକ୍ଷେତ୍ର



# ପୁଲିଜର ପୁରସ୍କାର ୨୦୨୨

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଆନ୍ତର୍ଜାତିକ ସ୍ତରରେ ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟ ସାଂବାଦିକତା ବିଭାଗ କର୍ତ୍ତୃକ ପରିଚାଳିତ ସାମ୍ବାଦିକତା ଓ ସୃଜନରେ ଉତ୍କର୍ଷ ନିମନ୍ତେ ବାର୍ଷିକ ପୁଲିଜର ପୁରସ୍କାର ଗୁରୁତ୍ୱ ବହନ କରିଥାଏ। ହଙ୍ଗେରୀ ବଂଶୋଦ୍ଭବ ଜୋସେଫ ପୁଲିଜର ନାମକ ଜଣେ ଆମେରେକୀୟ ସମ୍ବାଦପତ୍ର ପ୍ରକାଶକ ୧୯୧୧ରେ ମୃତ୍ୟୁ ପୂର୍ବରୁ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଶିକ୍ଷାୟତନ ପ୍ରତିଷ୍ଠା ଓ ସାମ୍ବାଦିକତାରେ ଉତ୍କର୍ଷକୁ ପ୍ରୋତ୍ସାହନ ସକାଶେ ପୁରସ୍କାର ପ୍ରଦାନ ନିମନ୍ତେ ବିପୁଳ ଧନରାଶି ଦାନ କରିଥିଲେ। ସେହିକ୍ରମରେ ୧୯୧୨ରେ ପୁଲିଜର ପୁରସ୍କାର ସମିତି ଗଠିତ ହୋଇ ୧୯୧୭ରୁ ନିୟମିତ ପୁରସ୍କାର ପ୍ରଦାନର ବ୍ୟବସ୍ଥା ପ୍ରଚଳିତ। ପୁଲିଜର ସମିତିରେ ୧୯ ଜଣ ସଦସ୍ୟଙ୍କ ମଧ୍ୟରେ ପାଞ୍ଚଜଣ ଶିକ୍ଷାବିତଙ୍କ ସମେତ ଆମେରିକାର ଖ୍ୟାତନାମା ସାମ୍ବାଦିକ, ସମ୍ପାଦକ ଓ ପ୍ରକାଶକମାନେ ସାମିଲ ହୋଇଥାନ୍ତି। 'କଲମ୍ବିଆ ଜର୍ଣ୍ଣାଲିଜମ ସ୍କୁଲ'ର ଅଧକ୍ଷ ସମିତିର ପରିଚାଳନା କରିଥାନ୍ତି। ପୁଲିଜର ପୁରସ୍କାର ୨୦୨୨ ମେ' ୯ ତାରିଖ ଦିନ ଘୋଷିତ ହୋଇଥିଲା। ସର୍ବାପେକ୍ଷା ମର୍ଯ୍ୟାଦାବନ୍ତ ଲୋକସେବା 'ପବ୍ଲିକ ସର୍ଭିସ' ପୁରସ୍କାର 'ଦି ୱାଶିଂଟନ ପୋଷ୍ଟ' ସାମ୍ବାଦିକମାନଙ୍କୁ ସାମୂହିକଭାବେ ପ୍ରଦାନ କରାଯାଇଥିଲା। ଅବଶ୍ୟ ଏଥିପୂର୍ବରୁ ସଂବାଦପତ୍ରଟି ସେହି ପର୍ଯ୍ୟାୟରେ ୧୯୭୩, ୧୯୯୯, ୨୦୦୦, ୨୦୦୮ ଓ ୨୦୧୪ରେ ପାଞ୍ଚଥର ବିଜେତା ଘୋଷିତ ହୋଇଥିଲା। ଯୁକ୍ତରାଷ୍ଟ୍ର ଆମେରିକାର ସଂସଦ ଭବନ 'କ୍ୟାପିଟଲ' ଉପରେ ପୂର୍ବତନ ରାଷ୍ଟ୍ରପତି ସମର୍ଥକଙ୍କ ଆକ୍ରମଣ ସଂପର୍କରେ ୨୦୨୧ ଜାନୁଆରୀ ୬ ତାରିଖ ପ୍ରଭାତରୁ ବର୍ଷ ଶେଷ ଯାଏ ଅବିଶ୍ରାନ୍ତ ପ୍ରାୟ ଏକ ବର୍ଷ ଧରି ପରିବେଷିତ ସତ୍ୟାଶ୍ରିତ ସାମ୍ବାଦିକତାକୁ ସମ୍ମାନ ଜଣାଇ ପୁଲିଜର ପୁରସ୍କାର ୨୦୨୨ ପ୍ରଦାନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ବିଷୟ ଏହିଯେ ମାର୍କିନ ଗଣତନ୍ତ୍ର ପ୍ରତି ଏହି ନଗ୍ନ ଆକ୍ରମଣ ଘଟିବା ପୂର୍ବରୁ, ଘଟିବା ବେଳେ ଏବଂ ଘଟିବା ପରେ ସମ୍ବାଦପତ୍ର ପକ୍ଷରୁ ସମ୍ବାଦ ପ୍ରକାଶନ ଜାରି ରହିଥିଲା। 'ଦି ୱାଶିଂଟନ ପୋଷ୍ଟ' ୧୯୭୩ରେ 'ୱାଟରଗେଟ' ମନ୍ତ୍ରଣା, ୨୦୦୦ରେ ଏକ ମାନସିକ ଚିକିତ୍ସାକେନ୍ଦ୍ରରେ ଅବ୍ୟବସ୍ଥା ଏବଂ ୨୦୧୪ରେ 'ନ୍ୟାସନାଲ ସିକ୍ୟୁରିଟି ଏଜେନ୍ସି'ର ଗୋପନ ତଥ୍ୟ ସଂଗ୍ରହ ଭଳି ଘଟଣାଗୁଡ଼ିକର ପର୍ଦ୍ଦାଫାସ କରି ପୁରସ୍କୃତ ହୋଇଥିଲା।

ସ୍ୱତନ୍ତ୍ର ପୁରସ୍କାର ବର୍ଗରେ ୟୁକ୍ରେନର ସାମ୍ବାଦିକ ଓ ଆଫଗାନିସ୍ତାନର ସମ୍ବାଦକର୍ମୀଙ୍କୁ ପୁଲିଜର ପୁରସ୍କାର ୨୦୨୨ରେ ସମ୍ମାନିତ କରାଯାଇଥିଲା। ରୁଷ ଆକ୍ରମଣ କାଳରେ ୟୁକ୍ରେନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଧୈର୍ଯ୍ୟ, ସାହସ ଓ ପ୍ରତିବଦ୍ଧତାର ଭୂୟସୀ ପ୍ରଶଂସା କରି ଯୁଦ୍ଧ ସଂପର୍କୀତ ଅସତ୍ୟ ସମ୍ବାଦ ପ୍ରସାରଣର ସଫଳ ମୁକାବିଲା ଲାଗି ସାଧୁବାଦ ଜଣାଯାଇଥିଲା। ସେହିପରି ଆଫଗାନିସ୍ତାନରେ ଦୀର୍ଘକାଳ ଧରି ଅରାଜକତା ଲାଗିରହିଥିବା ସ୍ଥଳେ ସମ୍ବାଦ ପ୍ରସାରଣ କାର୍ଯ୍ୟରତ ସାମ୍ବାଦିକଙ୍କ ସହ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀଙ୍କ ଥଇଥାନ ନିମନ୍ତେ ଏକ ଲକ୍ଷ ଆମେରେକୀୟ ଡ଼ଲାର 'କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟ' ଜରିଆରେ ସହାୟତା ବନ୍ଦୋବସ୍ତ ହୋଇଥିଲା। ବ୍ୟକ୍ତିଗତ ସୁରକ୍ଷାକୁ ବିପନ୍ନ କରି ବିପଦସଂକୁଳ ପରିବେଶରେ ସମ୍ବାଦ ପରିବେଷଣରେ ଦକ୍ଷତା ଲାଗି ପୁଲିଜର ସମିତି ପକ୍ଷରୁ ପ୍ରଶଂସାପତ୍ର ଜାରି କରାଯାଇଥିଲା। ଫିଚର ଫୋଟୋଗ୍ରାଫି ବର୍ଗରେ ଭାରତରେ 'ରଏଟର' ସମ୍ବାଦ ସରବରାହ ସଂସ୍ଥା ସହ ସଂପୃକ୍ତ ଚାରିଜଣ ସାମ୍ବାଦିକଙ୍କୁ 'କୋଭିଡ଼-୧୯' ମହାମାରୀ ସଂପର୍କୀତ ଚିତ୍ର ଉତ୍ତୋଳନ ନିମନ୍ତେ ପୁରସ୍କୃତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଆଫଗାନିସ୍ତାନ ଗୃହ ଯୁଦ୍ଧରେ କର୍ମକ୍ଷେତ୍ରରେ ନିହତ ଦାନିଶ ସିଦ୍ଦିକୀଙ୍କ ସମେତ ଆଦନାନ ଆବଦୀ, ଅମିତ ଦାଭେ ଓ ସାନା ଇସରାଦ ମାଟ୍ଟୋ ଅନ୍ତର୍ଭୁକ୍ତ। ଆଦନାନ ଆବଦୀ 'ରଏଟର'ରେ ୨୦୦୫ରେ ଯୋଗଦେବା ପୂର୍ବରୁ 'ପାନ-ଏସିଆ ନିଉଜ ଏଜେନ୍ସି'ରେ ନିଯୁକ୍ତ ଥିଲେ। ସେ ମିଆଁମାରର ରୋହିଙ୍ଗା ଶରଣାର୍ଥୀଙ୍କ ଦୟନୀୟ ସ୍ଥିତି ଫୋଟୋଗ୍ରାଫି କରି ୨୦୧୮ରେ ଦାନିଶ ସିଦ୍ଦକୀଙ୍କ ସହ ପୁଲିଜର ପୁରସ୍କାର ପାଇଥିଲେ।

ଅମିତ ଦାଭେ ପୂର୍ବରୁ 'ଦି ଇଣ୍ଡିଆନ ଏକ୍ସପ୍ରେସ'ରେ ସାମ୍ବାଦିକ ଭାବେ କାର୍ଯ୍ୟରତ ଥିଲେ। ସେ ୨୦୦୨ରେ ରଏଟରରେ ଯୋଗ ଦେବାପରେ ଗୁଜରାଟ ଦଙ୍ଗା ଓ ଭୂମିକମ୍ପର ଚିତ୍ର ଉତ୍ତୋଳନ କରି ଚର୍ଚ୍ଚିତ ହୋଇଥିଲେ। ସାନା ଏସରାଜ ମାଟ୍ଟୋ କାଶ୍ମୀର ବାସିନ୍ଦା। ମୁଖ୍ୟତଃ ସେଠାକାର ସଂଘର୍ଷପୂର୍ଣ୍ଣ ପରିବେଶ ସଂପର୍କୀତ ଚିତ୍ର ଉତ୍ତୋଳନ କରି 'ରଏଟର' ସମେତ ଦେଶବିଦେଶର ବିଭିନ୍ନ ସମ୍ବାଦ ମଞ୍ଚକୁ ଯୋଗାନ୍ତି। ଫିଚର ରାଇଟିଂ ବର୍ଗରେ ଆମେରିକାର ଖ୍ୟାତନାମା ମାସିକ ପତ୍ରିକା 'ଆଟଲାଣ୍ଟିକ'ର ଷ୍ଟାଫ ରାଇଟର ଜେନିଫର ସିନିୟର ପୁଲିଜର ପୁରସ୍କାର ୨୦୨୨ ପାଇଥିଲେ। ନ୍ୟୁୟର୍କ ଅଟ୍ଟାଳିକାରେ ସନ୍ତ୍ରାସବାଦୀଙ୍କ ବୋମାମାଡ଼ ପରେ ଏହି ଘଟଣାରେ ଆତ୍ମୀୟସ୍ୱଜନଙ୍କୁ ହରାଇଥିବା ଏକ ପରିବାରର କୋଡ଼ିଏ ବର୍ଷ ଧରି ଶୋକାନୁଭୂତି 'ଟ୍ୱାଣ୍ଟି ଇୟରର୍ସ ଗନ' ନାମକ ଫିଚରରେ ବର୍ଣ୍ଣନା କରିଥିଲେ। ଜେନିଫର ଏକ ଲୋକପ୍ରିୟ ଲେଖିକା। ତାଙ୍କଦ୍ୱାରା ରଚିତ 'ଅଲ ଜୟ ଏଣ୍ଡ ନୋ ଫନ : ଦି ପାରାଡ଼କ୍ସ ଅଫ ମଡ଼ର୍ଣ୍ଣ ପେରେଣ୍ଟହୁଡ଼' 'ଦି ନ୍ୟୁୟର୍କ ଟାଇମ୍ସ' ବେଷ୍ଟ-ସେଲର-ଲିଷ୍ଟରେ ଆଠ ସପ୍ତାହ ରହିଥିଲା। ସେ ନ୍ୟୁୟର୍କ ବାସିନ୍ଦା।

ପୁଲିଜର ପୁରସ୍କାର ୨୦୨୨ର ଉଲ୍ଲେଖଯୋଗ୍ୟ ଘଟଣାକ୍ରମରେ ଆମେରିକାର କେତେଗୋଟି କ୍ଷୁଦ୍ର ସମ୍ବାଦପତ୍ରକୁ ଆଞ୍ଚଳିକ ସାମ୍ବାଦିକତା 'ଲୋକାଲ ଜର୍ଣ୍ଣାଲିଜମ' କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପୁରସ୍କୃତ କରିବା ଅନ୍ୟତମ। ସାମ୍ବାଦିକତାରେ ଉତ୍କର୍ଷ ନିମନ୍ତେ ପ୍ରଦତ୍ତ ୧୫ ଗୋଟି ପୁରସ୍କାର ମଧ୍ୟରୁ ପାଞ୍ଚଗୋଟି ଆଞ୍ଚଳିକ ସମ୍ବାଦ ମଞ୍ଚ ଅନ୍ତର୍ଭୁକ୍ତ ରହିଥିଲେ। ମିଆମି ହେରାଲଡ଼, ଟାମ୍ପା-ବେ ଟାଇମ୍ସ, ଚିକାଗୋ ଟ୍ରିବ୍ୟୁନ, କାନସ ସିଟି ଷ୍ଟାର ଓ ହାଉସ୍ଟନ କ୍ରୋନିକାଲ ଭଳି ସମ୍ବାଦ ମଞ୍ଚରେ ଆଞ୍ଚଳିକ ସମସ୍ୟା ଉତଥାପନରେ ଦକ୍ଷତା ଓ ଉତ୍କର୍ଷତା ନିମନ୍ତେ ପୁରସ୍କୃତ କରାଯାଇଥିଲା। ଏକ ବ୍ୟାଟେରୀ ରି-ସାଇକ୍ଲେଙ୍ଗ ପ୍ଲାଣ୍ଟ ପ୍ରଦୂଷଣଠାରୁ ଆରମ୍ଭ କରି ଅଗ୍ନି-ପ୍ରତିଷେଧକ ବ୍ୟବସ୍ଥାରେ ତ୍ରୁଟି ଓ ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ସମସ୍ୟା ଭଳି ଘଟଣାବଳୀ ଆଞ୍ଚଳିକ ସମ୍ବାଦ ମଞ୍ଚଗୁଡ଼ିକରେ ଚର୍ଚ୍ଚିତ ହୋଇଥିଲା।

ପୁଲିଜର ପୁରସ୍କାର ପ୍ରବର୍ତ୍ତକ ଜୋସଫ ପୁଲିଜରଙ୍କ ମାଲିକନାରେ ପରିଚାଳିତ 'ସେଣ୍ଟ ଲୁଇସ ପୋଷ୍ଟ ଡେସପାଚ୍' ଓ 'ନ୍ୟୁୟର୍କ ୱାର୍ଲ୍ଡ' ଊନବିଂଶ ଶତାବ୍ଦୀର ଶେଷ ଦୁଇ ଦଶକରେ ଚାଞ୍ଚଲ୍ୟକାରୀ 'ୟେଲୋ ଜର୍ଣ୍ଣାଲିଜମ'ର ପ୍ରବର୍ତ୍ତକ ଭାବେ ଚିହ୍ନିତ। ସେ ବ୍ୟବସାୟରେ କ୍ଷତି ସହୁଥିବା ସମ୍ବାଦପତ୍ରଗୁଡ଼ିକ ଅଧିଗ୍ରହଣକରି ପ୍ରସାର ସଂଖ୍ୟା ଅଭିବୃଦ୍ଧିରେ ବିଜ୍ଞାପନ ଆୟ ବୃଦ୍ଧିଲାଗି ରଣନୀତି ନିର୍ଦ୍ଧାରଣରେ ସିଦ୍ଧହସ୍ତ ଥିଲେ। ପୁଲିଜର ୧୮୯୨ ମସିହାରେ କଲମ୍ବିଆ ବିଶ୍ୱବିଦ୍ୟାଳୟକୁ ବିଶ୍ୱର ପ୍ରଥମ ସାମ୍ବାଦିକତା ଶିକ୍ଷାୟତନ ପ୍ରତିଷ୍ଠା ନିମନ୍ତେ ଅର୍ଥ ପ୍ରଦାନ ନିମନ୍ତେ ପ୍ରସ୍ତାବ ଦେଇଥିଲେ। କିନ୍ତୁ ବିଭିନ୍ନ କାରଣ ମଧ୍ୟରେ ପୁଲିଜରଙ୍କ କାମଳ ସାମ୍ବାଦିକତା ଖ୍ୟାତି ହେତୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତ୍ୟାଖ୍ୟାନ କରିଦିଆ ଯାଇଥିଲା। ତେବେ ବିଶ୍ୱବିଦ୍ୟାଳୟ ଅଧକ୍ଷ ବଦଳିବା ପରେ ୧୯୦୨ରେ ପୁଲିଜରଙ୍କ ପ୍ରସ୍ତାବରେ ନୀତିଗତ ରାଜି ହୋଇଥିଲେ ହେଁ ୬୪ ବର୍ଷରେ ମୃତ୍ୟୁ ଯାଏଁ କାର୍ଯ୍ୟକାରୀ ହୋଇପାରି ନଥିଲା। କୁହାଯାଏ ଯେ ପୁଲିଜର ଅତ୍ୟନ୍ତ ଅଧ୍ୟବସାୟୀଥିଲେ ଏବଂ ପ୍ରତିଦିନ ସକାଳ ୧୦ରୁ ରାତି ଦୁଇଟା ଯାଏଁ ୧୬ ଘଣ୍ଟା କାର୍ଯ୍ୟବ୍ୟସ୍ତ ରହୁଥିଲେ। ଜୋସେଫ ପୁଲିଜରଙ୍କ ସମ୍ବାଦ ମଞ୍ଚ ଉଦ୍ୟୋଗୀଙ୍କ ନିମନ୍ତେ ଏକ ଉଦାହରଣ ହୋଇ ରହିବ। ସମ୍ବାଦ ମଞ୍ଚରେ ସଫଳତା ନିମନ୍ତେ ପରିଶ୍ରମ, ବ୍ୟାବସାୟିକ ସଫଳତା ନିମନ୍ତେ ରଣନୀତି ସାଙ୍ଗକୁ ଲାଭାଂଶ ସାମ୍ବାଦିକତାରେ ଉତ୍କର୍ଷ ବିକାଶକଳ୍ପେ ବିନିଯୋଗ ପୁଲିଜରଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ପୁଲିଜର ପୁରସ୍କାର ବିଶ୍ୱବ୍ୟାପୀ ଗୁଣାତ୍ମକ ସାମ୍ବାଦିକତା ବିକାଶର ମାପକାଠି ରୂପେ ସ୍ୱୀକୃତ। ସାମ୍ବାଦିକତାରେ ଉତ୍କର୍ଷକୁ ପ୍ରୋତ୍ସାହନ ଗୁଣାତ୍ମକ ସାମ୍ବାଦିକତା ପ୍ରସାରରେ ଯେ ସହାୟକ ହୋଇଥାଏ ଏଥିରେ ଦ୍ୱିମତ ନାହିଁ।

## ଆଜିର ଚିନ୍ତନ

ରାମାୟଣରେ ଶ୍ରୀରାମଙ୍କ ଗଙ୍ଗା ପାରି ଓ କୈବର୍ତ୍ତ ଚରିତ୍ର ଏକ ଛୋଟିଆ ପ୍ରସଙ୍ଗ କିନ୍ତୁ ଭକ୍ତି ଶାସ୍ତ୍ରର ଅନୁପମ ଆଲେଖ୍ୟ, କେଉଁ ରାମାୟଣରେ ଏ ପ୍ରସଙ୍ଗ ଶ୍ରୀରାମ, ବିଶ୍ୱାମିତ୍ର ମିଥିଳା ଗମନ ସମୟରେ ତ ଆଉ କେଉଁ ରାମାୟଣରେ ବନ ଗମନ କାଳରେ, କୈବର୍ତ୍ତ ରାମଚନ୍ଦ୍ରଙ୍କ ଚରଣ ଧୋଇ ଦେଇ କହିଲା। ପ୍ରଭୁ! ଆପଣଙ୍କ ପାଦକି ଧୋଇଲି। କିନ୍ତୁ ସମସ୍ୟା ହେଉଛି ଏବେ, ଆପଣ ଡ଼ଙ୍ଗାକୁ ଗଲେ ପୁଣି ପାଦରେ ବାଲି ଲାଗିଯିବ। ସେ ଚରଣ ରେଣୁ ତ ମୋ ଡ଼ଙ୍ଗାରେ ପଡ଼ିବ। ସେ ରେଣୁକୁ ତ ମୋର ଭୟ। ପୂର୍ବରୁ କହିଛି ସେ ଚରଣ ଧୂଳି ସାମାନ୍ୟ ଧୂଳକଣା ନୁହେଁ। ତା'ର ଜୀବନ୍ୟାସ ଶକ୍ତି ଅଛି। ଦେଖି ନାହାନ୍ତି, ସେ ଧୂଳି ପଡ଼ି ପଥର ଖଣ୍ଡକ ନାରୀରେ ପରିଣତ ହୋଇଗଲା। ମୋ ଡ଼ଙ୍ଗା ତ ପଥର ନୁହେଁ, ତା'ଠାରୁ କୋମଳ କାଠର ଡ଼ଙ୍ଗା। କେଜାଣି ତମର ଚରଣ ଧୂଳି ପଡ଼ି ତାହା ନାରୀରେ ପରିଣତ ହୋଇଗଲେ ମୋ ଭେଳା ବୁଡ଼ିଯିବ। ନୌକା ଖଣ୍ଡକ ହିଁ ମୋର ଜୀବନ ଜୀବିକାର ସାଧନ। ତାହା ନାରୀ ପୁଣି କେଜାଣି ଋଷିପତ୍ନୀ ହୋଇଗଲେ, ତାଙ୍କ ସେବା କରିବ କିଏ ? ମୁଁ ତ ଡ଼ଙ୍ଗାରେ ଲୋକଙ୍କୁ ଗଙ୍ଗା ପାରି କରେ। ମୋର ତ ଆଉ କିଛି ଜୀବିକାର୍ଜନ ପନ୍ଥା ନାହିଁ। ଏଠାରେ ଆସେ ''ସ୍ୱଧର୍ମେ ନିଧନଂ ଶ୍ରେୟଃ, ପର ଧର୍ମୋ ଭୟାବହଂ' କଥା। ବୃତ୍ତି ଏ ମୋ ପୋଷେ କୁଟୁମ୍ବ। ପ୍ରଭୁ! ମୁଁ ଆପଣଙ୍କୁ ମୋ ଡ଼ଙ୍ଗାକୁ ଚାଲି ଚାଲି ଯିବାକୁ ଦେବି ନାହିଁ। ଟେକି ଟେକି ନେଇ ଗଲେ ପାଦରେ ପୁଣି ଧୂଳି ଲାଗିବା ଭୟ ରହିବ ନାହିଁ। ପ୍ରଭୁ ରାଜି ହେଲେ। ଡ଼ଙ୍ଗା କୂଳରେ ଲାଗିଲା। ରାମଚନ୍ଦ୍ର କୈବର୍ତ୍ତକୁ କ'ଣ ଦେବେ ଜାଣି ପାରୁ ନାହାନ୍ତି। କୈବର୍ତ୍ତକୁ ମୁଦ୍ରିକା ଦେବାକୁ ଚାହିଁବାରୁ କୈବର୍ତ୍ତ ମନା କରି କହିଛି, 'ନାଇନୀ କରୀ ନାଇ ଲେ ନହଂ, ଆପଣ ଧଧା ଭାଈ । କାମ କରଇ ନଈ ଖାଖୀନୀ ଖାଖୋ ଉତରାଈ।' ମୁଁ ଗଙ୍ଗା ପାର କରାଏ, ଆପଣ ସଂସାର ସାଗରରୁ ପାର କରାନ୍ତି। ଆମେ ଦିହେଁ ଏକାପରି, ଜାତି ଭାଇ, ଆଉ ମୂଲ ନେବି କିପରି ?

କୈବର୍ତ୍ତ ରାମଚନ୍ଦ୍ରଙ୍କୁ କହିଛି - ପ୍ରଭୁ! ଆପଣଙ୍କର ଓ ମୋର ଜାତି, ବୃତ୍ତି ଏକ। ଆମେ ଦିହେଁ ଜାତି ଭାଇ। ଲକ୍ଷ୍ମଣ ରୁଷ୍ଟ ହୋଇ କହିଲେ- ଆମେ ତ କ୍ଷତ୍ରିୟ। ତୁ ଭାଲ ଜାତିର। ଏକା ଜାତିର କିପରି ? କୈବର୍ତ୍ତ କହୁଛି- ତମର ମୋର ଏକା ଜାତି ନୋହୁ କିନ୍ତୁ ପ୍ରଭୁଙ୍କର ଓ ମୋର ଜାତି ଏକା। ଆଜି ମୁଁ ଆପଣଙ୍କୁ ଗଙ୍ଗା ପାର କରି ଦେଲି। ସମୟ ଆସିବ ଆପଣ ମୋତେ ଏହି ଭବସାଗରରୁ ପାରି କରିଦେବେ। ମୁଁ ଗଙ୍ଗାସାଗରର କୈବର୍ତ୍ତ ଆପଣ ସଂସାର ସାଗରର କୈବର୍ତ୍ତ। ଜଣେ ବାରିକ ଆଉ ଜଣେ ବାରିକକୁ କ୍ଷୁର କଲେ, ଜଣେ ଧୋବା ଆଉ ଜଣେ ଧୋବାର ଲୁଗା ସଫା କରିଦେଲେ ପାରିଶ୍ରମିକ ନିଅନ୍ତି କି ? ତେବେ ମୁଁ କିପରି ଆପଣଙ୍କଠାରୁ ମୂଲ ନେବି ? ଅନ୍ୟ ଏକ ତତ୍ତ୍ୱ ଗର୍ଭିତ ପ୍ରସଙ୍ଗ ହେଉଛି ସୀତାରାମ ଲକ୍ଷ୍ମଣଙ୍କ ବାଲ୍ମିକୀ ଆଶ୍ରମରେ ପ୍ରବେଶ। ଦେଖି ତ ବନସର ସୈଳ ସୁହାଏ, ବାଲମୀକି ଆଶ୍ରମ ପ୍ରଭୁ ଆଏ। ବାଲ୍ମୀକିଙ୍କୁ ପ୍ରଭୁ ବନ ଗମନରେ ଚାରୋଟି କଥା ଚରିତାର୍ଥ ହେବା କହିଛନ୍ତି- ''ତାତ ବଚନ ପୁନି ମାତୁ ହିତ ଭାଇ ଭରତ ଅସ ରାଉ। ମୋ କହଁ ଦରସ ତୁହ୍ମାର ପ୍ରଭୁ ସବୁ ମମ ପୂର୍ଣ୍ୟ ପ୍ରଭାଉ। ପିତୃ ସତ୍ୟ ପାଳିତ ହେଲା। କୈକେୟୀ ମାତାଙ୍କ ବଚନ ରକ୍ଷା ହେଲା। ଭାଇ ଭରତ ରାଜା ହେବ। ବଡ଼ କଥା ତମ ପରି ଋଷିମୁନିମାନଙ୍କର ଦର୍ଶନ ସୌଭାଗ୍ୟ ମିଳିଲା। ପରିତ୍ରାଣାୟା ସାଧୂନାଂ। କେତେ ବିନମ୍ରତା। ଏହା ଶୀଳଭଦ୍ର ରାମଙ୍କଠାରେ ହିଁ ସମ୍ଭବ। ତାପରେ ରାମ ବାଲ୍ମୀକିଙ୍କୁ ପଚାରିଲେ – ମୁନିବର! ଆମେ ତ ଆଶ୍ରମରେ ରହି ପାରିବୁ ନାହିଁ, କେଉଁଠି ରହିବୁ କହନ୍ତୁ। ବାଲ୍ମୀକିଙ୍କ ଭକ୍ତି ତାତ୍ପର୍ଯ୍ୟପୂର୍ଣ୍ଣ- ଆପଣ କେଉଁଠି ରହିବେ, ମୁଁ କିପରି କହିବି ? ଏବେ ଆପଣ କହନ୍ତୁ ଆପଣ କେଉଁଠି ନାହାନ୍ତି ? ହିରଣ୍ୟର ପ୍ରଶ୍ନ ଥିଲା– ପ୍ରହ୍ଲାଦ ତୋ ହରି କେଉଁଠି ରହନ୍ତି ? ପ୍ରହ୍ଲାଦ କହିଥିଲେ, ତାତ, ମୋତେ ଆପଣ କହନ୍ତୁ ମୋ ହରି କେଉଁଠି ନାହାନ୍ତି। ଅତ୍ର ତତ୍ର ସର୍ବତ୍ର। ହିରଣ୍ୟ ନିରୁତ୍ତର ରହିଲା।

# ମହା ସତୀ ସାବିତ୍ରୀ

ସାବିତ୍ରୀ ବ୍ରତ ସାରା ନାରୀ ଜଗତ ପାଇଁ ଏକ ଉତ୍କୃଷ୍ଟ ଦିନ । ନାରୀମାନେ ନିଜ ସ୍ୱାମୀର ଦୀର୍ଘ ଜୀବନ କାମନା ପାଇଁ ସାବିତ୍ରୀ ବ୍ରତ ଆଚରଣ କରିଥାନ୍ତି । ଏହି ଦିନ ବିଭିନ୍ନ ଭାଷା ସମ୍ପ୍ରଦାୟରେ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଇଥାଏ । ଯଥା ହିନ୍ଦୁସ୍ଥାନୀ, ମରାଠୀ, ଗୁଜୁରାଟୀ, ବଙ୍ଗାଳି ସମ୍ପ୍ରଦାୟର ନାରୀମାନେ କଡୱାଚୌଥ ନାମରେ ପାଳନ କରି ପ୍ରତିବିମ୍ବରେ ସତୀ ସ୍ୱାଧ୍ୱୀ ନାରୀ ନିଜ ସ୍ୱାମୀର ପ୍ରତିବିମ୍ବ ଦେଖିଲେ, ଜଳ ତୁଳସୀ ଗ୍ରହଣ କରେ । ଓଡିଶାର ସାବିତ୍ରୀ ବ୍ରତ ଏକ ମହାନ ବ୍ରତ ଯାହା ଏକ ଶ୍ରେଷ୍ଠ ବ୍ରତ ରୂପେ ପୁରାଣ ପୃଷ୍ଠାରେ ଅଭିହିତ । ଏହି ବ୍ରତରେ ଉପାସନା କରି ନାରୀ ପତିବ୍ରତା, ଭାଗ୍ୟବତୀ, ଧନବତୀ - ତଥା ପୁତ୍ର ବତୀ ରୂପେ ଫଳପାଇ ପାରିଥାଏ । ସତ୍ୟ, ନ୍ୟାୟ ସପକ୍ଷରେ ଥିବା ପାଣ୍ଡବକୁଳ ଶିରୋମଣି ଧର୍ମରାଜ ଯୁଧିଷ୍ଠିର ଭକ୍ତି ସହକାରେ ଭଗବାନ ଶ୍ରୀକୃଷ୍ଣଙ୍କୁ ନିବେଦନ କରିଥିଲେ - ହେ ଜଗତକର୍ତ୍ତା । ବ୍ରତମାନଙ୍କର ଗୁରୁ ଦୟାକରି ନାରୀମାନଙ୍କ ପାଇଁ ଯେଉଁ ବ୍ରତ ଅଛି, ଯାହାକୁ ଉପାସନା କରି ନାରୀ ଭାଗ୍ୟବତୀ ଓ ପତିପରାୟଣା ହୋଇ ସାତଜନ୍ମ ପାଇଁ ହାତଧରି ଥିବା ସ୍ୱାମୀର କିପରି ମୃତ୍ୟୁ ପର୍ଯ୍ୟନ୍ତ ଏକପ୍ରାଣ ହୋଇ ରହିପାରିବ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ସଧବାନାରୀମାନଙ୍କ ପାଇଁ ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଭକ୍ତିରେ ଘୃତ ପ୍ରଦୀପ ଜାଳି ସାବିତ୍ରୀ ବ୍ରତ ଆଚରଣ କଲେ ବ୍ରତର ଫଳ ନିଶ୍ଚିତ ମିଳିପାରିବ ଓ ପୁତ୍ର ଧନ ଅଗଣନ ପୂଣ୍ୟଯଶଶୀଳ ଥାଏ ।

ସତ୍ୟଯୁଗରେ ସାବିତ୍ରୀ ବ୍ରତ - ଆଚରଣ କରି ନିଜର ସ୍ୱାମୀ ସତ୍ୟବାନର ପ୍ରାଣ ଯମଙ୍କ ଠାରୁ ଫେରାଇ ଆଣି ପାରିଥିଲେ । ଏକଦା ମଦ୍ରଦେଶ ଅଧିପତି ରାଜା ଅଶ୍ୱପତି ଜଣେ ଏକାଧାରରେ ନ୍ୟାୟବନ୍ତ, ଧାର୍ମିକ, ପରାକ୍ରମଶାଳୀ ବିବେକୀ ଓ ପ୍ରଜାବତ୍ସଳ ଥିଲେ । ରାଣୀ କୌଶଲ୍ୟା ରାଜା ଅଶ୍ୱପତି ଉଭୟେ ଗୁଣବତୀ ଓ ଗୁଣବାନ ପାଇଁ ସୁପରିଚିତ ହୋଇଥିଲେ । ରାଜାରାଣୀ ସଦାସର୍ବଦା ପ୍ରଜାମାନଙ୍କ ଉନ୍ନତି କାମନା, ଦାନ ଧ୍ୟାନ କରୁଥିଲେ ମଧ ପୁତ୍ର କି ପୁତ୍ରୀ ନ ଥିବାରୁ ସଦାସର୍ବଦା ଚନ୍ଦ୍ରର କଳଙ୍କ ଥିବାପରି ସନ୍ତାନ ସନ୍ତତି ଦୁଃଖରେ ମ୍ରୀୟମାଣ ହୋଇ ପଡିଥିଲେ । ବ୍ରାହ୍ମଣଙ୍କ ନିର୍ଦ୍ଦେଶରେ ରାଜା ଅଶ୍ୱପତି ଓ ରାଣୀ କୌଶଲ୍ୟା ୧୮ ବର୍ଷ ପର୍ଯ୍ୟନ୍ତ ସାବିତ୍ରୀ ଯଜ୍ଞରେ ନିମଗ୍ନ ରହିଲେ । ଏପରି କଠୋର ତପସ୍ୟା ଦେଖି ସବୁଦେବତାମାନେ ରାଜାରାଣୀଙ୍କର ଦୁଃଖ ମହାଦେବୀ ସାବିତ୍ରୀଙ୍କୁ ଜଣାଇ ପୁତ୍ର ସନ୍ତାନ ପାଇଁ ପ୍ରାର୍ଥନା କଲେ । ମାତ୍ର ରାଜାରାଣୀଙ୍କ ଭାଗ୍ୟରେ ପୁତ୍ର ସନ୍ତାନ ନ ଥିବାରୁ ଦେବୀ ସାବିତ୍ରୀ ଯଜ୍ଞର ଫଳ ଦେବା ପାଇଁ ଯଜ୍ଞ କୁଣ୍ଡରେ ଆର୍ବିଭୁତ ହୋଇ କନ୍ୟାରତ୍ନ ପାଇଁ ଆଶିର୍ବାଦ ଦେଲେ ।

ଏଣେ ରାଣୀ ରାତିରେ ସ୍ୱପ୍ନ ଦେଖନ୍ତି ଏକ ସୁନ୍ଦରୀ କନ୍ୟା ତାଙ୍କ କୋଳରେ ମା' ମା' ଡାକୁଅଛି । ତା'ର କରୁଣ



ଧ୍ୱନୀରେ ରାଣୀଙ୍କ ସପନରେ ନବଜ୍ୟୋତି ପ୍ରକାଶିଲା । ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କଲା ବେଳେ ଯଜ୍ଞ କୁଣ୍ଡରୁ ଏକ ଅପୂର୍ବ ଆଲୋକରେ ଦିବ୍ୟ ସ୍ୱରୂପା ମୂର୍ତ୍ତି ବାହାରି ରାଜାରାଣୀଙ୍କୁ ସ୍ରଷ୍ଟା ପଠାଇଥିବା କହି ନିଜ ନାମ ସାବିତ୍ରୀ ବୋଲି କହିଲେ । ମୁଁ ତୁମ୍ଭ ଠାରେ ପ୍ରୀତ ହୋଇ ଏକଗୁଣବତୀ କନ୍ୟା ବର ଦେଉଅଛି ଯାହା ଶହେ ପୁତ୍ର ସହ ସମାନ ହେବ । ସତକୁ ସତ ଦଶ ମାସ ଦଶ ଦିନରେ ଏକ ଅତିବ ସୁନ୍ଦର ଜ୍ୟୋତିର୍ମୟୀ ସ୍ୱର୍ଗୀୟ ଭାବ ସମ୍ପନ୍ନା କନ୍ୟା ଜନ୍ମ ହେଲା ।

କନ୍ୟା ଜନ୍ମ ପରେ ରାଜା ରାଣୀଙ୍କର ଆନନ୍ଦ ଉଲ୍ଲାସ ସୀମା ରହିଲା ନାହିଁ ଏବଂ ସ୍ନେହରେ ସାବିତ୍ରୀ ଯଜ୍ଞରୁ ପ୍ରାପ୍ତ କନ୍ୟାକୁ ସାବିତ୍ରୀ ନାମ ଦେଲେ । ସାବିତ୍ରୀଙ୍କର ଯୌବନରେ ସ୍ୱୟମ୍ବରର ଆୟୋଜନ କଲେ । ମାତ୍ର ସାବିତ୍ରୀଙ୍କର ସମକକ୍ଷ ବର ନ ମିଳିବାରୁ, ମାଣ୍ଡବ୍ୟ ଋଷିଙ୍କ ପରାମର୍ଶ ନେଲେ । ସେ ରାଜାଙ୍କୁ ଗୋଟିଏ ସୁଝାଇ ଦେଇଥିଲେ ସାବିତ୍ରୀ ତାଙ୍କର ଯୋଗ୍ୟବର ନିଜେ ବରଣ କରନ୍ତୁ । ଏପରି ସମସ୍ୟା ପରେ ସାବିତ୍ରୀ ସଖୀମାନଙ୍କ ସହ ବନକୁ ଶୋଭା ଉପଭୋଗ ପାଇଁ ଯାନ୍ତେ ଜଣେ ଋଷି ପୁତ୍ରଙ୍କ ଉପରେ ଦୃଷ୍ଟି ପଡେ ଏବଂ ମନେ ମନେ ନିଜର ସ୍ୱାମୀ ରୂପେ ଚିନ୍ତା କରି ନିଅନ୍ତି । ଏକଦା ନାରଦ ମହର୍ଷି ପହଞ୍ଚି ବିବାହ କଥା ସାବିତ୍ରୀଙ୍କୁ ପଚାରନ୍ତେ ଜାଣିବାକୁ ପାଇଲେ ଶାଲ୍ୱ ଦେଶ ରାଜା ଅନ୍ଧ ଦ୍ୟୁମତ ସେନଙ୍କର ପୁତ୍ର ସତ୍ୟବାନ ମାତା ମାଳବିକା ଅଛନ୍ତି । ଯେ କି ବନବାସୀ ଓ ରାଜ୍ୟହୀନ । ସବୁ ସଦ୍‌ଗୁଣ ସୁନ୍ଦର ହୋଇଥିଲେ ମଧ ସତ୍ୟବାନ ଏକବର୍ଷ ମଧରେ ମୃତ୍ୟୁ ବରଣ କରିବେ । ତଥାପି ସାବିତ୍ରୀ କହିଲେ ମୁଁ ସତ୍ୟବାନଙ୍କୁ ହିଁ ସ୍ୱାମୀ ରୂପେ ବରଣ କରିବି । ଶେଷରେ ନାରଦଙ୍କ ପରାମର୍ଶ କ୍ରମେ ସାବିତ୍ରୀ ସତ୍ୟବାନଙ୍କର ଶୁଭବିବାହ ହେଲା ଏବଂ ସାବିତ୍ରୀ ନାରଦ ମହର୍ଷିଙ୍କ ଠାରୁ ସଧବା ହେବାକୁ ଆଶିର୍ବାଦ ମାଗିନେଲେ । ବିବାହ ପରେ ସାବିତ୍ରୀ ମାତା, ପିତାଙ୍କଠାରୁ ବିଦାୟ ନେଇ ସ୍ୱାମୀ ସହିତ ବଣକୁ ଯାଆନ୍ତି । ଅନ୍ଧ ଶ୍ୱଶୁର ଓ ଶାଶୁଙ୍କର ସେବାଯତ୍ନ କରି ଏକ ଆଦର୍ଶ ବୋହୂ ସାଜିଲେ । ସ୍ୱାମୀ ସତ୍ୟବାନ ପ୍ରତ୍ୟେକ ଦିନ ବନରୁ କାଠ ସଂଗ୍ରହ କରି ସଂଗୃହୀତ କାଠ ମୂଲ୍ୟରେ ପରିବାର ପ୍ରତିପୋଷଣ କରିଥାନ୍ତି । ଦେବର୍ଷି ନାରଦ ଭବିଷ୍ୟବାଣୀ କରିଥିବା ମୃତ୍ୟୁର ଦିବସ ପାଖେଇ ଆସିଲା । ସାବିତ୍ରୀ ଶ୍ୱଶୁର ଓ ଶାଶୁଙ୍କ ପରାମର୍ଶ ନେଇ ତ୍ରିରାତ୍ର ବ୍ରତ ଆଚରଣ କରି ଲକ୍ଷ୍ମୀ ନାରାୟଣ ପୂଜା କରିଥିଲେ । ତିନିଦିନ ବ୍ରତ ପରେ ଶେଷ ଦିନ ବ୍ରାହ୍ମଣ ଭୋଜନ କରାଇ ଉଚିତ ଦକ୍ଷିଣା ଦେଇ ସନ୍ତୋଷରେ ବିଦା କରିଥିଲେ । ପ୍ରତ୍ୟହ ପରି ସେଦିନ ମଧ ସତ୍ୟବାନ କାଠ ସଂଗ୍ରହ ପାଇଁ ବାହାରିବା ସମୟରେ ସାବିତ୍ରୀ ସ୍ୱାମୀଙ୍କ ସହିତ ବନକୁ ଗଲେ । ସତ୍ୟବାନ ପ୍ରତିଦିନ ପରି କାଠ ହାଣିବା ପାଇଁ ଗଛକୁ ଚଢ଼ି କାଠ ହାଣନ୍ତେ, ତାଙ୍କର ମୁଣ୍ଡ ବୁଲାଇଲା ଓ ସେ ଓହ୍ଲାଇପଡି ସାବିତ୍ରୀ ଅଞ୍ଚଳରେ ମୁଣ୍ଡ ରଖି ଶୋଇ ପଡିଲେ । ସଂଜ୍ଞାହୀନ ଅବସ୍ଥାରେ ତାଙ୍କର ପ୍ରାଣବାୟୁ ଉଡିଗଲା । ସାବିତ୍ରୀ ମୃତ ସ୍ୱାମୀଙ୍କୁ ଧରି ଉଚ୍ଚସ୍ୱରରେ କ୍ରନ୍ଦନ କରିଥିଲେ ମାତ୍ର ସତୀତ୍ୱ ଉପରେ ତାଙ୍କର ଯଥେଷ୍ଟ ଭରଷା ଥିଲା । ସେଥିପାଇଁ ଧୈର୍ଯ୍ୟ ଧରି ସ୍ୱାମୀକୁ ଜଗି ରହିଥିଲେ । ସାବିତ୍ରୀ ସତୀ ହୋଇ ଥିବାରୁ ଯମଙ୍କ ଦୂତମାନେ ପାଖକୁ ଆସି ପାରି ନ ଥିଲେ । ସ୍ୱୟଂ ମୃତ୍ୟୁ - ଦେବତା ଯମ ସତ୍ୟବାନଙ୍କ ପ୍ରାଣ ନେବା ପାଇଁ ଆସିଥିଲେ । ଯମ ସତ୍ୟବାନର ପ୍ରାଣ ହରଣ କରି ଯାଉଥିବା ବେଳେ ସାବିତ୍ରୀ ପଛରେ ଗୋଡାଇଲେ । ଯମ ସାବିତ୍ରୀକୁ ବାରଣ କରି କହନ୍ତି - ଜନ୍ମ ପରେ ମରଣ ନିଶ୍ଚୟ ଆସେ । ତେଣୁ ମୋପଛ ଅନୁସରଣ ନ କରି କିଛି ବର ନେଇ ସୁଖରେ ରହ । ତତ୍‌କ୍ଷଣାତ ଅନ୍ଧ ଶ୍ୱଶୁରକୁ ନୟନ, ରାଜ୍ୟ ଦାନ ଦେବା ପାଇଁ ଏବଂ ନିଜ ପିତାଙ୍କୁ ପୁତ୍ରଦାନ ଲାଗି ବର ମାଗିନେଲେ । ତଥାପି ଯମଙ୍କ ପଛେ ପଛେ ସାବିତ୍ରୀ ଗୋଡାଇଥାନ୍ତି । ତା' ଦେଖି ଯମ କହନ୍ତି । ସ୍ୱଦେହରେ ଯମଲୋକ ଯାଇପାରିବ ନାହିଁ ତୁମେ ଏଠାରୁ ଫେରିଯାଅ । ପରେ କିନ୍ତୁ ସାବିତ୍ରୀଙ୍କ ଭକ୍ତିରେ ପ୍ରୀତ ହୋଇ ବଚନ ଦେଲେ ଆଉ ଗୋଟିଏ ସ୍ୱଇଚ୍ଛା ବର ମାଗିବା ପାଇଁ । ସାବିତ୍ରୀ ବିଳମ୍ବ ନ କରି ସ୍ୱାମୀଙ୍କ ଔରସରୁ ଶତପୁତ୍ର ଜାତ ହେଉ ବୋଲି ମାଗି ନେଲେ ଓ ଚଳଚଞ୍ଚଳ ବଶତଃ ଧର୍ମରାଜ ଅସ୍ତୁ ବୋଲି କହିଥିଲେ । ସତେଯେପରି ତାଙ୍କ କଣ୍ଠରେ ମା' ସରସ୍ୱତୀ କହିଥିଲେ । କିନ୍ତୁ ସାବିତ୍ରୀ ଯମଙ୍କ ପଥ ଓଗାଳି କହନ୍ତି ଆହେ ଧର୍ମରାଜ ! ସ୍ୱାମୀକୁ ଆପଣ ନେଉଛନ୍ତି ତାଙ୍କ ଔରସରୁ ପୁତ୍ର ବର ଦେଇ ଅଧର୍ମ କାହିଁକି କରୁଛନ୍ତି ? ଶେଷରେ ଧର୍ମରାଜ ସାବିତ୍ରୀଙ୍କ ସତୀତ୍ୱ ପାଖରେ ହାର ମାନିଲେ ଏବଂ ନାରାୟଣଙ୍କ ରଚିତ ମାୟାରେ ଏ ଫଳ ସାବିତ୍ରୀଙ୍କୁ ମିଳିଲା ବୋଲି କହି ସତ୍ୟବାନର ଆୟୁଷ ଫେରାଇ ଦେଲେ । ଏଇଠି ଏକ ସତ୍ୟତା ପ୍ରତିପାଦିତ କରେ । ଠିକ୍ ସେହିଦିନ ଲକ୍ଷ୍ମଣଙ୍କ ଶକ୍ତିଭେଦ ହୋଇଥିଲା । ଉର୍ମିଳା ଲକ୍ଷ୍ମଣଙ୍କ ଦୀର୍ଘ ଜୀବନ କାମନା ପାଇଁ ବ୍ରତ ଆଚରଣ କରିଥିଲେ । ତା' ଛଡା ଅତ୍ରି ମୁନୀଙ୍କ ପତ୍ନୀ ସତୀ ଅନସୂୟା ମଧ ଶପଥ କରିଥିଲେ 'ନପାହୁ ରାତି ନମରୁ ପତି, ଏକରାତି ହେଉ ସପ୍ତ ରାତ୍ରି ।' ଶେଷରେ - ସତ୍ୟବାନ ସାବିତ୍ରୀ ନିଜକୁ ଗୃହକୁ ଫେରନ୍ତେ, ଦେଖିଲେ ଶ୍ୱଶୁର ଚକ୍ଷୁ ଓ ରାଜ୍ୟ ପାଇଛନ୍ତି । ପିତା ଅଶ୍ୱପତି ପୁତ୍ର ପାଇଁ ସନ୍ତୋଷ ଲାଭ କରିଥିଲେ । ଜଣେ ନାରୀ ସତୀ, ସାଧ୍ୱୀ, ପବିତ୍ର ମନରେ ଯେଉଁ କର୍ମ କରେ ନିଶ୍ଚିତ ଫଳ ମଧୁର ବୋଲି ପ୍ରମାଣ ମିଳେ । ସେହି ବିଶ୍ୱାସରେ ନାରୀମାନେ ଏ ବ୍ରତ ଅମାବାସ୍ୟା କୃଷ୍ଣପକ୍ଷ ଜ୍ୟେଷ୍ଠ ମାସରେ ଶୁକ୍ଳବସ୍ତ୍ର ପରିଧାନ କରି କରିଥାନ୍ତି ।

## ଟିକିଏ ହସନ୍ତୁ

ମା ପୁଅକୁ : ସେଓ ଖାଇବୁ ?
ପୁଅ : ନା ।
ମା : କମଳା ଖାଇବୁ ?
ପୁଅ : ନା ।
ମା : କଦଳୀ ଖାଇବୁ ?
ପୁଅ : ନା ।
ମା : ଇଏ ପୁରା ତା' ବାପା ଭଳି ହେଉଛି । କେବଳ ଚପଲ ମାଡ଼ ହିଁ ଖାଇବ ।

× × × ×

ଜଜ୍ ଚୋରକୁ : ତମେ ପୋଲିସ ଅଫିସରଙ୍କ ପକେଟରେ ଜଳନ୍ତା ଦିଆସିଲି କାଠି କାହିଁକି ରଖିଲ ?
ଚୋର : ସିଏ ହିଁ ତ କହିଥିଲେ କି, ବେଲ୍ ପାଇଁ ପ୍ରଥମେ ମୋ ପକେଟ ଗରମ କରିବାକୁ ହେବ ।

× × ×



ସ୍ତ୍ରୀ : ହେଇଟି ଶୁଣୁଛ, ଦୁଇ କିଲୋ ମଟର ନେଇ ଯାଉଛି ।
ସ୍ୱାମୀ : ହଉ ନେଇଆସ ।
ସ୍ତ୍ରୀ : ମୁଁ ତୁମ ପରମିଶନ୍ ମାଗୁନି । ପଚାରୁଛି ଯେ, ଏତିକି ମଟର ଚୋପା ଛଡ଼େଇ ପାରିବ ନା କମ୍ ନେବି ।

× × × ×

ସହରୀ ଝିଅର ଗାଁରେ ବାହାଘର ହୋଇଗଲା ।
ଶାଶୂ : ବୋହୂ ଗଲୁ ମଇଁଷି ଆଗରେ ଘାସ ପକାଇ ଆସିବୁ !
ବୋହୂ ମଇଁଷି ମୁହଁରୁ ଫେଣ ବାହାରୁଥିବା ଦେଖି ଫେରି ଆସିଲା ।
ଶାଶୂ : ବୋହୂ ମଇଁଷିକୁ ଘାସ ଦେଇ ଆସିଲୁ ।
ନାହିଁ ମା । ସେ ପରା ଏବେ ଦାନ୍ତ ଘଷୁଛି ।

× × × ×

ରାଜୁ ଥରେ ତା' ଶ୍ରେଣୀ ଶିକ୍ଷୟିତ୍ରୀଙ୍କ ନିକଟକୁ ଯାଇ କହିଲା, ମାମ୍ ମୁଁ ଗୋଟେ କଥା ପଚାରିବି ?
ଶିକ୍ଷୟିତ୍ରୀ : ହଁ, ପଚାର ।
ରାଜୁ : ମାମ୍ ମୁଁ ଆପଣଙ୍କୁ କେମିତି ଲାଗୁଛି ।
ଶିକ୍ଷୟିତ୍ରୀ : ହସି ହସି ରାଜୁ ଗାଲରେ ହାତ ମାରି ଦେଇ କହିଲେ ଖୁବ୍ ଭଲ । ଏହା ଶୁଣି ରାଜୁ ତା' ସହିତ ବସିଥିବା ସାଙ୍ଗମାନଙ୍କୁ କହିଲା ଦେଖିଲ ତ ମୁଁ କହୁଥିଲି ମାମ୍ ଲାଇନ୍ ମାରୁଛନ୍ତି ।

× × × × × ×

ବବଲୁ ଏକ ବରଫ ଖଣ୍ଡ ହାତରେ ଧରି ଟିକନିକ୍ କରି ଦେଖୁଥାଏ ।
ରବି : ଆରେ ସାଙ୍ଗ କ'ଣ ଦେଖୁଛୁ ?
ବବଲୁ : ଦେଖୁଛି କେଉଁଠି ଏହା ଲିକ୍ ହେଉଛି ।

× × × × × ×

ପତି : କାଲି ମୋ ସ୍ୱପ୍ନରେ ଜଣେ ଝିଅ ଆସିଥିଲା, ବାଃ କି ସୁନ୍ଦର ଥିଲା ?
ପତ୍ନୀ : ଏକା ଆସିଥିବ ବୋଧହୁଏ ।
ପତି : ତୁମେ କେମିତି ଜାଣିଲ ?

ସ୍ୱୀକାର

ବର୍ଷ ୨୬, ସଂଖ୍ୟା- ୨୨, ୨୯ ମଇ - ୦୪ ଜୁନ୍ ୨୦୨୨

# ମାତୃଭାଷା ପ୍ରତି ଆନ୍ତରିକତା କମୁଛି

ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଲିଖିତ କବିତାର ଏହି ପଙ୍କ୍ତି ଓଡ଼ିଆ ଭାଷା ପ୍ରତି ମୁହଁ ମୋଡ଼ୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ସତର୍କବାଣୀ । ମାତ୍ର ବିଡ଼ମ୍ବନା ଯେ ବର୍ତ୍ତମାନ ପିଢ଼ିର ଯୁବଗୋଷ୍ଠୀଙ୍କ ମଧରେ ଓଡ଼ିଆ ଭାଷାକୁ ନେଇ ଆଗ୍ରହ ଦେଖାଯାଉ ନାହିଁ । ସରକାରୀ କିମ୍ବା ଘରୋଇ ସ୍କୁଲରେ ମଧ ଭାଷା ପ୍ରୀତି ଦେଖିବାକୁ ମିଳୁନାହିଁ । ଏପରି କି ଏବର ପିଲାମାନଙ୍କଠାରେ ଓଡ଼ିଆ ଭାଷା ଜ୍ଞାନର ଘୋର ଅଭାବ ଦେଖା ଦେଲାଣି । ଅଧିକାଂଶ ମାତାପିତା ନିଜ ପିଲାଙ୍କୁ ଘରୋଇ ସ୍କୁଲରେ ପାଠ ପଢ଼ାଇବାକୁ ପସନ୍ଦ କରୁଛନ୍ତି । ଫଳରେ ଇଂଲିଶ ପ୍ରତି ପିଲାମାନଙ୍କୁ ଅଧିକ ଆକର୍ଷିତ କରାଯାଉଛି । ମାତାପିତା କିମ୍ବା ଅଭିଭାବକମାନଙ୍କର ଏଭଳି ଆଭିମୁଖ୍ୟ ଓଡ଼ିଆ ଭାଷା ପ୍ରତି ପ୍ରତିକୂଳ ମାନସିକତା ସୃଷ୍ଟି କରିଛି । ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ଘରୋଇ ସ୍କୁଲରେ ନବମ ଶ୍ରେଣୀରୁ ଇଚ୍ଛାଧୀନ କରାଯାଇଛି । କିନ୍ତୁ ଘରୋଇ ସ୍କୁଲର ଅଧିକାଂଶ ପିଲା ଓଡ଼ିଆ ବଦଳରେ ହିନ୍ଦୀ କିମ୍ବା ସଂସ୍କୃତକୁ ଇଚ୍ଛାଧୀନ ବିଷୟ ଭାବେ ବାଛୁଛନ୍ତି । ମାତାପିତାଙ୍କ ଆଡ଼ୁ ଓଡ଼ିଆ ବିଷୟକୁ ନେଇ ସେତେଟା ରୁଚି ରହୁ ନ ଥିବାରୁ ପିଲାମାନେ ମଧ ମାତୃଭାଷା ପ୍ରତି ବିମୁଖ ହେଉଛନ୍ତି । ଏଥିଯୋଗୁଁ ଆଗାମୀ ଦିନରେ ମାତୃଭାଷା ଏକ ମହାସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଭାଷାବିତ୍‌ମାନେ ମତ ଦେଲେଣି ।

ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ କମୁଥିବା ଦେଖି ରାଜ୍ୟ ସରକାର ଏହାର ପ୍ରଚାର, ପ୍ରସାର ଓ ବିକାଶ ପାଇଁ ୨୦୦୬ ଏପ୍ରିଲ ପହିଲାରେ 'ଓଡ଼ିଆ ଭାଷା ପ୍ରତିଷ୍ଠାନ' ନାମରେ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଖୋଲିଥିଲେ । ଭାଷାକୁ ଚଳଚଞ୍ଚଳ କରିବା ପାଇଁ ପ୍ରତିଷ୍ଠାନରେ ସାଧାରଣ ପରିଷଦ ଓ ଏକ୍‌ଜିକ୍ୟୁଟିଭ କମିଟି ଗଠନ କରାଯାଇଛି । ପରିଷଦରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଉପାଧ୍ୟକ୍ଷ ଅଛନ୍ତି । ସେହିପରି ଏକ୍‌ଜିକ୍ୟୁଟିଭ କମିଟିରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ମୁଖ୍ୟ ଶାସନ ସଚିବ ଉପାଧ୍ୟକ୍ଷ ରହିଛନ୍ତି । ନିୟମିତ ଭାବେ ଏହି ଦୁଇ ପ୍ରଶାସନିକ ସଂସ୍ଥାର ବୈଠକ ଡାକି ଭାଷାର ଅଗ୍ରଗତି ଓ ପ୍ରସାର ଦିଗରେ ସମୀକ୍ଷା କରି ପଦକ୍ଷେପ ନେବା ବ୍ୟବସ୍ଥା ରହିଛି । ବର୍ଷକୁ ଥରେ ଅଥବା ଆବଶ୍ୟକ ପଡ଼ିଲେ ଏକାଧିକ ଥର ବୈଠକ ବସିପାରିବ । ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଓ କର୍ମଚାରୀ ଦିଆଯାଇଛି । ବଜେଟରେ ପ୍ରଶାସନିକ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ବର୍ଷକୁ ପ୍ରାୟ ଦେଢ଼ କୋଟି ଟଙ୍କାର ବ୍ୟୟବରାଦ କରାଯାଉଛି । ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଭାଷା ପ୍ରତିଷ୍ଠାନ ଗଠନ ହେବାର ୧୬ ବର୍ଷ ବିତିଯିବା ପରେ ମଧ ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ ପୂର୍ଣ୍ଣ ମାତ୍ରାରେ ଲାଗୁ କରାଯାଇ ପାରି ନାହିଁ । ୯ ବର୍ଷ ବିତିଯିବା ପରେ ୨୦୧୫ ଜୁନ୍‌ରେ ଏହାକୁ କେବଳ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ସଂସ୍କୃତି ବିଭାଗ ଅଧୀନକୁ ଆଣିଲେ । ହେଲେ ଦୀର୍ଘ ୬ ବର୍ଷ ଯାଏ ଏହା ଗଣଶିକ୍ଷା ବିଭାଗ ନିୟନ୍ତ୍ରଣରେ ରହିଲା । ଥରୁଟିଏ ବୈଠକ ବସିପାରିଲା ନାହିଁ । ୨୦୨୨ ଏପ୍ରିଲ ୨୫ରେ ପ୍ରଥମ ଥର ଅନୁଷ୍ଠିତ ହୋଇଥିବା କାର୍ଯ୍ୟନିର୍ବାହୀ କମିଟି ବୈଠକରେ ପ୍ରତିଷ୍ଠାନର ସାଧାରଣ ପରିଷଦରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ସଂସ୍କୃତି ମନ୍ତ୍ରୀଙ୍କୁ ଅଧ୍ୟକ୍ଷ କରାଯାଇଛି । ଏଥିରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଉପାଧ୍ୟକ୍ଷ ପଦବୀରୁ ବାଦ୍ ଦିଆଯାଇଛି । ସେହିପରି ଏକ୍‌ଜିକ୍ୟୁଟିଭ କମିଟିରୁ ମଧ ଗଣଶିକ୍ଷା ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇ ସଂସ୍କୃତି ମନ୍ତ୍ରୀଙ୍କୁ ଅଧ୍ୟକ୍ଷ କରାଯାଇଛି ।

ପ୍ରକାଶ ଯେ, ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ବାଧ୍ୟତାମୂଳକ କରିବା ପାଇଁ ଓଡ଼ିଆ ସରକାରୀ ଭାଷା ଆଇନ, ୧୯୫୪ କାର୍ଯ୍ୟକାରୀ ହୋଇଥିଲା । ଦୀର୍ଘ ୬୨ ବର୍ଷ ପରେ ଓଡ଼ିଶା ସରକାର ଏହାକୁ ସରକାରୀ ସ୍ତରରେ ଲାଗୁ କରିବାକୁ ଓଡ଼ିଆ ଅଫିସିଆଲ ଲାଙ୍ଗୁଏଜ୍ ରୁଲ, ୨୦୧୬ ଆଣି ସେହି ବର୍ଷ ଅଗଷ୍ଟ ୨୦ ତାରିଖରୁ କାର୍ଯ୍ୟକାରୀ କରିଥିଲେ । ସରକାରୀ ଓ ବେସରକାରୀ ସ୍ତରରେ ଭାଷା ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି । ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାରଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟର ନାମଫଳକ ଓଡ଼ିଆରେ ଲେଖାଯିବ । ସରକାରୀ କାର୍ଯ୍ୟ ମଧ ଓଡ଼ିଆରେ କରାଯିବା ନେଇ ୨୦୧୮ରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନରେ ସଂଶୋଧନ ଅଣାଯାଇଥିଲା । ସେହିବର୍ଷ ବିଧାନସଭାରେ ଓଡ଼ିଆ ଭାଷା ବିଲ୍ ଗୃହୀତ ହୋଇଥିଲା । ଅବଜ୍ଞାକାରୀଙ୍କ ବିରୋଧରେ ୧ ହଜାରରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ମଧ ହୋଇଛି । ମାତ୍ର ଏହା କେବଳ ନିୟମରେ ରହିଗଲା । ପୂର୍ବରୁ ସରକାରୀ ଫାଇଲପତ୍ର ଯେମିତି ଇଂଲିସ୍‌ରେ ଚାଲୁଥିଲା ଏବେ ମଧ ସେହିଭଳି ଚାଲିଛି । ଭାଷାକୁ ନେଇ ସରକାରୀ ଉଦାସୀନତା ବେଶ୍ ବାରି ହୋଇପଡୁଛି । ଆନ୍ତରିକତା ଅଭାବରୁ ଆଜି ଯାଏ ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ । କେବଳ ଭାଷା ପ୍ରତିଷ୍ଠାନ ସବୁକିଛି କରିପାରିବ ନାହିଁ । ସରକାରୀ, ବେସରକାରୀ ସ୍ତରରେ ଓ ସାଧାରଣରେ ଭାଷାକୁ ନେଇ ଆନ୍ତରିକତା ରହିବା ଦରକାର । ନଚେତ ସମସ୍ତ ଉଦ୍ୟମ କେବଳ କାଗଜକଲମରେ ସୀମିତ ରହିଯିବ ।



# ଏସୀୟମାନଙ୍କ ନିମନ୍ତେ ଏସିଆ

ମହାତ୍ମା ଗାନ୍ଧୀ

ଏସିଆ ଏସୀୟମାନଙ୍କ ପାଇଁ, ମୁଁ ଏହି ନୀତିଟିକୁ ସମର୍ଥନ କରି ପାରୁନାହିଁ । ଯଦି ଏହାଦ୍ୱାରା ଏକ ଇଉରୋପ-ବିରୋଧୀ ମେଣ୍ଟର ଚିନ୍ତା କରା ଯାଉଥାଏ, ତେବେ ମୁଁ ତାହାକୁ ସମର୍ଥନ କରି ପାରୁନାହିଁ । ଏସିଆକୁ ଏକ କୂପମଣ୍ଡୁକ କରି ରଖିବାରେ ସନ୍ତୋଷ ଲାଭ କରି ନ ପାରିଲେ ଆମେ ଏସୀୟମାନଙ୍କ ପାଇଁ ଏସିଆର ଲକ୍ଷ୍ୟଟିକୁ ହାସଲ କରିପାରିବା କିପରି ? ମାତ୍ର ଏସିଆ କଦାପି ଏକ କୂପମଣ୍ଡୁକ ହୋଇ ରହି ପାରିବନାହିଁ । ସମୁଦାୟ ପୃଥ୍ୱୀ ନିମନ୍ତେ ଏସିଆର ଗୋଟିଏ ସନ୍ଦେଶ ରହିଛି । ଅବଶ୍ୟ ଏସିଆ ନିଜେ ସେହି ଅନୁସାରେ ଜୀବନ ବଞ୍ଚିପାରିଲେଯାଇ ତାହା ସମ୍ଭବ ହେବ । ସମଗ୍ର ଏସିଆରେ ବୌଦ୍ଧ ପ୍ରଭାବର ଯେଉଁ ନିଦର୍ଶନମାନ ରହିଛି, ସେଥିରେ ଭାରତ, ଚୀନ୍, ଜାପାନ, ବ୍ରହ୍ମଦେଶ, ସିଂହଳ ଓ ମାଳୟ ରାଷ୍ଟ୍ରଗୁଡ଼ିକ ସାମିଲ ହୋଇ ରହିଛନ୍ତି । ବ୍ରହ୍ମଦେଶ ଓ ସିଂହଳର ଅଧିବାସୀମାନଙ୍କୁ ମୁଁ କହିଥିଲି ଯେ ସେମାନେ କେବଳ ନାମକୁ ମାତ୍ର ବୌଦ୍ଧ ହୋଇ ରହିଛନ୍ତି; ବାସ୍ତବରେ ଭାରତ ହିଁ ବୌଦ୍ଧ ହୋଇ ରହିପାରିଛି । ଚୀନ୍ ଓ ଜାପାନକୁ ମଧ ମୁଁ ସେହି କଥା କହିପାରିବି । ମାତ୍ର, ଯଦି ଏସିଆକୁ ଏସିଆପାଇଁ ନ ହୋଇ ସମଗ୍ର ପୃଥ୍ୱୀପାଇଁ ହୋଇ ରହିବାକୁ ହୁଏ, ତେବେ ତାହାକୁ ବୁଦ୍ଧଙ୍କର ବାଣୀକୁ ପୁନର୍ବାର ନୂଆକରି ଗ୍ରହଣ କରିବାକୁ ହେବ ଏବଂ ତାହାକୁ ପୃଥ୍ୱୀ ଆଗରେ ନିବେଦନ କରିବାକୁ ପଡ଼ିବ । ଏବେ ତ ତାହାକୁ ସର୍ବତ୍ର ଅସ୍ୱୀକାର କରାଯାଉଛି । ଆପଣମାନଙ୍କୁ ମୋ'ର କେବଳ ଏହି ବାର୍ତ୍ତାଟି ଦେବାକୁ ଅଛି ; ସେଇଟି ହେଉଛି ଯେ, ଆପଣମାନେ ଆପଣମାନଙ୍କର ପ୍ରାଚୀନ ଐତିହ୍ୟ ପ୍ରତି ଯଥାର୍ଥଭାବରେ ଅନୁଗତ ହୋଇ ରହନ୍ତୁ । ସେହି ସନ୍ଦେଶଟି ୨୫୦୦ ବର୍ଷର ପୁରୁଣା, ମାତ୍ର ଏହାକୁ ଯଥାର୍ଥ ଭାବରେ ବଞ୍ଚିବା ତଥାପି ବାକୀ ରହିଛି ଏବଂ, ୨୫୦୦ ବର୍ଷ କହିଲେ ବା କେତେ ବର୍ଷ ? କାଳର ଆବର୍ଜନ ପଥରେ ତାହା କଣାଟିଏ ମାତ୍ର ହୋଇପାରିବ । ବର୍ତ୍ତମାନ ମ୍ଳାନହୋଇ ଯାଉଥିବାପରି ପ୍ରତୀତ ହେଉଥିବା ଅହିଂସାର ପୂର୍ଣ୍ଣ କୁସୁମଟି ଏବେ ମଧ ସମ୍ପୂର୍ଣ୍ଣ ଭାବରେ ଫୁଟି ଉଠିବା ବାକୀ ରହିଯାଇଛି ।

ମୁଁ ଆଶା ରଖୁଛି ଯେ, ଭିନ୍ନ ଭିନ୍ନ ଏସୀୟ ଦେଶମାନଙ୍କରୁ ଆସିଥିବା ସବୁ ପ୍ରତିନିଧି କେବଳ ଗୋଟିଏ ପୃଥିବୀର ଗଠନ ପାଇଁ ଆପଣାର ପୂର୍ଣ୍ଣଶକ୍ତି ଉଦ୍ୟମ କରିବେ । ଏହି ଲକ୍ଷ୍ୟଟିକୁ ହାସଲ କରିବା ନିମନ୍ତେ ସେମାନେ ପଥ ଓ ସାଧନମାନ ସ୍ଥିର କରିବେ ଆପଣମାନେ ଯଦି ଦୃଢ଼ ସଂକଳ୍ପର ସହିତ କାର୍ଯ୍ୟ କରିବେ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆମେ ସୁନିଶ୍ଚିତ ଭାବରେ ଆମର ଏହି ପୁରୁଷଟି ଭିତରେ ମଧ ସେହି ଲକ୍ଷ୍ୟଟିକୁ ବାସ୍ତବରେ ପରିଣତ କରିପାରିବ । ଏହି ପୃଥିବୀ ଯଦି ଗୋଟିଏ ପୃଥ୍ୱୀ ନହୁଏ, ତେବେ ଏହି ପୃଥିବୀରେ ଆଦୌ ବନ୍ଧୁ ରହିବାକୁ ମୁଁ ଇଚ୍ଛା କରିବିନାହିଁ । ନିଃସନ୍ଦେହ ଭାବରେ, ମୁଁ ନିଜର ଜୀବଦ୍ଦଶାରେ ହିଁ ଏହି ସ୍ୱପ୍ନଟି ବାସ୍ତବରେ ପରିଣତ ହୋଇ ଯିବାକୁ ଆକାଂକ୍ଷା ରଖିବି ।

ଆଜି ସବୁଆଖି ଭାରତଆଡ଼କୁ ଚାହିଁ ରହିଛନ୍ତି, ବିଶେଷକରି ଏସିଆ ଓ ଆଫ୍ରିକାର ସବୁ ଆଖି ଭାରତ ଆଡ଼କୁ ଅନାଇ ରହିଛନ୍ତି । ଭାରତବର୍ଷ ବ୍ରିଟେନ୍ ଉପରେ ଏକ ନୈତିକ ବିଜୟ ହାସଲ କରିଛି, କାରଣ ସିଏ ଅହିଂସା ମାର୍ଗରେ ସଂଗ୍ରାମ କରିଛି ଓ ତେଣୁ ଏସିଆର ଦେଶମାନ ତା'ଠାରୁ ଯଥାର୍ଥ ମାର୍ଗଦର୍ଶନ ଆଶା କରୁଛନ୍ତି । ସେମାନଙ୍କର ଆଶାକୁ ନିରାଶାରେ ପରିଣତ କରି ନ ଦେବା, ଏହା ହେଉଛି ପ୍ରତ୍ୟେକ ଭାରତବାସୀର କର୍ତ୍ତବ୍ୟ । ଯଦି ଏସିଆ ଓ ଆଫ୍ରିକା ଭାରତବର୍ଷ ପାଖରୁ ଯଥାର୍ଥ ନେତୃତ୍ୱ ପାଇପାରିବେ, ତେବେ ତାହା ପୃଥିବୀର ପୂର୍ଣ୍ଣ ଚେହେରାଟିକୁ ହିଁ ବଦଳାଇ ଦେଇପାରିବ । ଭଗବାନ୍ ଏହି ପୃଥିବୀକୁ ଏପରି ଗୋଟିଏ ବ୍ୟବସ୍ଥା ମଧରେ ରଖୁଛନ୍ତି ଯେ, ଏଠାରେ କେହି ହେଲେ ନିଜର ଉତ୍ତମପଣ ଅଥବା ମନ୍ଦପଣକୁ ଗୋଟାସୁଦ୍ଧା ନିଜ ଭିତରେ ଆବଦ୍ଧ କରି ରଖି ପାରିବ ନାହିଁ । ସମସ୍ତ ପୃଥ୍ୱୀ ହେଉଛି ଭିନ୍ନ ଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ସହିତ ଆମର ଏହି ଶରୀର ପରି । ଗୋଟିଏ ଅଙ୍ଗରେ ଯନ୍ତ୍ରଣା ହେଲେ ସମସ୍ତ ଶରୀରରେ ତାହା ଅନୁଭୂତ ହୋଇଥାଏ । ଗୋଟିଏ ଅଂଶ ପଚିଗଲେ ଅନିବାର୍ଯ୍ୟତଃ ସମସ୍ତ ବ୍ୟବସ୍ଥାଟି ହିଁ ବିଷଜର୍ଜର ହୋଇପଡ଼େ ।

ମନୁଷ୍ୟକୁ ଆନ୍ତରିକତା ସହିତ ଭଗବାନଙ୍କର ଏହି ସମୁଦାୟ ସୃଷ୍ଟିର ମଙ୍ଗଳ କାମନା କରିବାକୁ ହେବ ଓ ପ୍ରାର୍ଥନା କରିବାକୁ ହେବ ଯେ, ଏପରି କରିବା ନିମନ୍ତେ ଆମ ସମସ୍ତଙ୍କ ଭିତରେ ଯଥେଷ୍ଟ ବଳ ରହିଥାଉ । ସମସ୍ତଙ୍କର କଲ୍ୟାଣ କାମନାରେ ହିଁ ତା' ନିଜର କଲ୍ୟାଣ ନିହିତ ରହିଛି ; ଯିଏ କେବଳ ନିଜର କିମ୍ବା ନିଜ ଗୋଷ୍ଠୀଟିର କଲ୍ୟାଣ ପାଇଁ ଆକାଂକ୍ଷା କରୁଛି, ସିଏ ନିଜ ସ୍ୱାର୍ଥପରତାର ହିଁ ପରିଚୟ ଦେଉଛି ଓ ତେଣୁ, ଏପରି ହେଲେ ତା'ର କଦାପି କଲ୍ୟାଣ ହେବନାହିଁ ।

ଭାରତ ଓ ପାକିସ୍ତାନ, ଦୁଇଟିଯାକ ନୂତନ ରାଷ୍ଟ୍ର ନିମନ୍ତେ ସ୍ୱାଧୀନ ବିଶ୍ୱ-ରାଷ୍ଟ୍ରମାନଙ୍କର ଏକ ପରିବାର ସ୍ଥାପନା କରିବାର ଲକ୍ଷ୍ୟ ରଖି କାର୍ଯ୍ୟ କରିବାର ପଥ ଉନ୍ମୁକ୍ତ ହୋଇ ରହିଛି । ଏହି ରାଷ୍ଟ୍ରଗୁଡ଼ିକରେ ନିଜର ଆଭ୍ୟନ୍ତରୀଣ କୌଣସି ସେନା ରହିବ ନାହିଁ । ନିଜେ ବାଟ ଚାଲିବନାହିଁ କି ଆଉ କାହାରିକୁ ବାଟ ଚାଲିବାକୁ ଦେବନାହିଁ, ଏପରି ଗୋଟିଏ ନୀତି ଅନୁସରଣ କରି ଭାରତ ବିଶ୍ୱଶାନ୍ତି ନିମନ୍ତେ ଏକ ସଂକଟ ହୋଇ ରହିବନାହିଁ ବୋଲି ମୁଁ ଆଦୌ କଳ୍ପନା କରି ପାରୁନାହିଁ ।

ଯଦି ଭାରତବର୍ଷର ପ୍ରୟାସ ଫଳରେ ମୁକ୍ତ ତଥା ସ୍ୱାଧୀନ ରାଷ୍ଟ୍ରମାନଙ୍କର ଗୋଟିଏ ବିଶ୍ୱସଂଘ ପ୍ରକୃତରେ ସାକାର ରୂପ ଗ୍ରହଣ କରିପାରିବ, ତେବେ ଈଶ୍ୱରଙ୍କର ସାମ୍ରାଜ୍ୟ, ଅନ୍ୟ ଏକ ନାଆଁ ଦେଇ ଯାହାକୁ ରାମରାଜ୍ୟ ବୋଲି କୁହାଯାଉଛି, ହୁଏତ ନ୍ୟାୟସଙ୍ଗତି ସହିତ ତାହାଲାଗି ରହିଥିବା ଆଶାଟିକୁ ମଧ ପୋଷଣ କରାଯାଇ ପାରିବ ।

# ଅନେକ ରୋଗର ମହୌଷଧୀ ତେନ୍ତୁଳି ପତ୍ର

କଇଁଆ ବା ତେନ୍ତୁଳି ଗଛର ପତ୍ର ଦ୍ୱାରା ତ୍ୱଚା ସଂକ୍ରମଣଜନିତ ରୋଗକୁ ରୋକା ଯାଇପାରିବ ଏବଂ ଏହାର ଲକ୍ଷଣରୁ ମଧ ମୁକ୍ତି ମିଳି ପାରିବ । ତେନ୍ତୁଳି ଗଛର ପତ୍ରରେ ଭିଟାମିନ୍ ସି ଭରପୁର ମାତ୍ରାରେ ରହିଥାଏ । ତେନ୍ତୁଳି ପତ୍ର ସେବନ କରିବା ଦ୍ୱାରା ଶରୀରରେ ରକ୍ତ ଶର୍କରା ସ୍ତର ନିୟନ୍ତ୍ରିତ ରହିବା ଦ୍ୱାରା ମଧୁମେହ ଭଳି ରୋଗ ନିୟନ୍ତ୍ରିତ ରହେ । ସାଧାରଣତଃ ଦାନ୍ତମାଢ଼ି ଓ ନଖ ଦୁର୍ବଳ ହେବା ସହ ଅକ୍ଳାପଣ ଭଳି ଲକ୍ଷଣ ଦେଖିବାକୁ ମିଳେ । ତେନ୍ତୁଳି ପତ୍ରକୁ ଚୋବାଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ । କାରଣ ତେନ୍ତୁଳି ପତ୍ରରେ ଏକ ପ୍ରକାର ଏସିଡ୍ ଥାଏ, ଯାହା ଆଣ୍ଟିସ୍କର୍ବି ଭିଟାମିନ୍ ଭଳି କାର୍ଯ୍ୟ କରେ ।

# ମୋଟାପା କମାଇବ ଡାଲିମ୍ବ ଜୁସ୍

ଅନିୟମିତ ଜୀବନ ଶୈଳୀ ତଥା ଖାଦ୍ୟ ପେୟରେ ନିୟନ୍ତ୍ରଣ ନ ରଖିବା କାରଣରୁ ଅଧିକାଂଶ ବ୍ୟକ୍ତି ଆଜିକାଲି ମୋଟାପାର ଶିକାର ହେଉଛନ୍ତି । ମୋଟାପଣ ଏକ ପ୍ରକାର ରୋଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ କମ୍ କରିବା ପାଇଁ ଆଜିକାଲି ବ୍ୟକ୍ତି ଏକ୍ସରସାଇଜଠାରୁ ଆରମ୍ଭ କରି ଡାଏଟ୍ କଣ୍ଟ୍ରୋଲ ମଧ କରୁଛନ୍ତି । କିନ୍ତୁ କେବଳ ଏକ୍ସରସାଇଜ କରିଦେଲେ ଓଜନ କମ୍ ହେବ ତାହା ନୁହେଁ, ଏମିତି କିଛି ଜୁସ୍ ରହିଛି ଯାହା ସେବନ କରିବା ଫଳରେ ମୋଟାପା ନିୟନ୍ତ୍ରଣ ହୋଇଥାଏ ।

ଗାଜର ଜୁସ୍ କେବଳ ଆପଣଙ୍କ ଓଜନ କମ୍ କରିବ ତାହା ନୁହେଁ, ଏହା ଆପଣଙ୍କ ଦୃଷ୍ଟିଶକ୍ତି ମଧ ବୃଦ୍ଧି କରିବ । ଏହା କେଶକୁ ଷ୍ଟ୍ରଙ୍ଗ କରିବା ସହ ନଖକୁ ମଧ ହେଲଦି ରଖିଥାଏ । ଯଦି ଆପଣ ପ୍ରତିଦିନ ୨୫୦ ଗ୍ରାମ ଗାଜର ଜୁସ୍ ପିଇବେ ତେବେ ଗୋଟିଏ ସପ୍ତାହରେ ୩୦୦ ରୁ ୪୦୦ ଗ୍ରାମ ଓଜନ କମ୍ ହୋଇଯିବ । ଗାଜର ଜୁସ୍ ପ୍ରସ୍ତୁତ କରିବା ପାଇଁ ୨୫୦ ଗ୍ରାମ ଗାଜର ଭଲ ଭାବରେ ଧୋଇ ସେଥିରେ ଏକ ଚାମଚ ବିଟ୍ ଲୁଣ



ପକାଇ ଗ୍ରାଇଣ୍ଡ କରି ଦିଅନ୍ତୁ । ଏଥି ସହିତ ଅଧା ଚାମଚ ଲେମ୍ବୁରସ ପକାଇ ପିଅନ୍ତୁ ।

କାକୁଡି ଜୁସ୍‌ରେ ପ୍ରଚୁର ପରିମାଣରେ ଫାଇବର ରହିଛି ଯାହା ବଡିରେ ଫ୍ୟାଟ ବର୍ଣ୍ଣ କରିଥାଏ ଓ ପେଟକୁ ବହୁ ସମୟ ପର୍ଯ୍ୟନ୍ତ ଭରି ରଖିଥାଏ । କାକୁଡି ଜୁସ୍ ତିଆରି କରିବା ପାଇଁ ଗୋଟିଏ କାକୁଡି କାଟି ଗ୍ରାଇଣ୍ଡରରେ ରଖନ୍ତୁ । ସେଥିରେ ୧ ଚାମଚ ବିଟ୍ ଲୁଣ, ୧ ଚିମୁଟା ଗୋଲମରିଚ ଅଧା ଚାମଚ ଲେମ୍ବୁ ରସ ପକାନ୍ତୁ । ଏହାକୁ ଭଲ ଭାବରେ ଗ୍ରାଇଣ୍ଡ କରି ଛାଣି ଏହାର ଜୁସ୍ ସେବନ କରନ୍ତୁ ।

ଡାଲିମ୍ବ ଜୁସ୍ ସ୍ୱାସ୍ଥ୍ୟ ଓ ୱେଟ ଲସ ପାଇଁ ଖୁବ୍ ଉପକାରୀ । ଡାଲିମ୍ବ ଜୁସରେ କମଳା ରସ ମିଶାଇ ପିଇବା ଫଳରେ ବହୁ ସମୟ ପର୍ଯ୍ୟନ୍ତ ପେଟ ଭରି ଯାଇଥାଏ । ଯଦି ସକାଳର ଖାଦ୍ୟ ଡେରିରେ ଖାଉଛନ୍ତି ତେବେ ଲଞ୍ଚ ଟାଇମରେ ଏହି ଜୁସ୍ ପିଇବା ଫଳରେ ଆପଣଙ୍କୁ ସନ୍ଧ୍ୟା ଭୋଜନ କରିବାକୁ ପଡିବ ନାହିଁ । ଏଥିସହିତ ରକ୍ତ ଅଭାବକୁ ମଧ ଡାଲିମ୍ବ ଜୁସ୍ ପୂରଣ କରିଥାଏ ।

ସକାଳୁ ଉଠି ବ୍ରଶ କରିବା ପରେ ଆପଣ ଯଦି ପ୍ରତିଦିନ ଅଁଳା ରସ ପିଇବେ ତେବେ ଓଜନ ଖୁବ୍ ଶୀଘ୍ର କମିଯିବ । ଏଥି ସହିତ ଏଥିରେ ଥିବା ଭିଟାମିନ୍ 'ସି' ଓ ଫାଇବର ଶରୀରକୁ ଡିଏକ୍ସିଫାଏ କରିବାରେ ସହାୟକ ହୋଇଥାଏ ।

## ହାଡ଼ ମଜଭୁତ କରେ କଦଳୀ

କଦଳୀରେ ଥିବା ଭିଟାମିନ୍, ପ୍ରୋଟିନ୍ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଏକ ସୁସ୍ଥ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ଆପଣ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଚାହୁଁଛନ୍ତି, ତେବେ ନିଶ୍ଚିତ ଭାବରେ ଖାଦ୍ୟରେ କଦଳୀ ଅନ୍ତର୍ଭୁକ୍ତ କରନ୍ତୁ, ଏହା ଆପଣଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ । ପ୍ରତିଦିନ ଗୋଟିଏ କଦଳୀ ଖାଇବା ଦ୍ୱାରା ଆପଣ ଅନେକ ରୋଗରୁ ରକ୍ଷା ପାଇପାରିବେ । କଦଳୀରେ ପୋଟାସିୟମ୍ ଥାଏ, ଯାହା ଆମ ମାଂସପେଶୀ ପାଇଁ ବେଶ ଲାଭଦାୟକ ।



**ଚାପମୁକ୍ତ :** ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ଚିନ୍ତାଗ୍ରସ୍ତ ରହୁଛନ୍ତି । ଏହି ଚିନ୍ତାରୁ ମୁକ୍ତି ପାଇବାକୁ ଚାହୁଁଥିଲେ ପ୍ରତିଦିନ ଅତିବେଶୀରେ ଗୋଟିଏ କିମ୍ବା ଦୁଇଟି କଦଳୀ ଖାଆନ୍ତୁ । ଏଥିରେ ଉପସ୍ଥିତ ଥିବା ଟ୍ରିପ୍ଟୋଫେନ ଆମ ଶରୀରରେ ସେରୋଟୋନିନ ସୃଷ୍ଟି କରିଥାଏ । ସେରୋଟୋନିନକୁ ହାପି ହର୍ମୋନ ମଧ କୁହାଯାଇଥାଏ । ଏହାଦ୍ୱାରା ଆପଣ ଚାପ ମୁକ୍ତ ହୋଇପାରିବେ ।

**ପାଚନ ସମସ୍ୟା ଦୂର :** ପାଚନ ସମ୍ବନ୍ଧିତ ସମସ୍ୟାକୁ ଦୂର କରିବାରେ ମଧ କଦଳୀ ଖୁବ୍ ଉପକାରୀ । କଦଳୀରେ ଷ୍ଟାର୍ଚ ଭରପୂର ମାତ୍ରାରେ ରହିଥାଏ । ଏହା ପାଚନ ତନ୍ତ୍ର ଲାଗି ଖୁବ୍ ଉପକାରୀ । କଦଳୀରେ ଆଣ୍ଟି ଏସିଡ ଗୁଣ ରହିଥାଏ । ଯାହା ଆମ ଶରୀରରେ ଜ୍ୱଳନ ସମସ୍ୟାକୁ ଦୂର କରିଥାଏ । ଏଥି ସହିତ ଅସ୍ଥି ମଜଭୁତ କରିବା ଲାଗି କଦଳୀ ନିହାତି ଖାଇବା ଉଚିତ । ୩୦ ବର୍ଷରୁ କମ ବୟସ୍କ ଲୋକ କଳଦୀ ଖାଇବା ଉଚିତ ।

**ଏନର୍ଜୀ ଫୁଡ :** କଦଳୀ ଖାଇବା ଦ୍ୱାରା ଶୀଘ୍ର ପେଟ ପୁରିଯାଇଥାଏ । ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଟ ରହିଥାଏ । ଯାହାଦ୍ୱାରା ଅଳ୍ପ ଖାଇଲେ ବି ପେଟ ପୁରିଯାଏ । ଯଦି ପ୍ରତିଦିନ ସକାଳୁ ଅଫିସ କିମ୍ବା କଲେଜ ଯାଉଛନ୍ତି ଏବଂ ବ୍ରେକଫାଷ୍ଟ କରିବାକୁ ସମୟ ପାଉ ନାହାନ୍ତି ତେବେ ଦୁଇଟି କଦଳୀ ଖାଇ ଯାଆନ୍ତୁ । ଏହା ଆପଣଙ୍କୁ ଏନର୍ଜୀ ଯୋଗାଇବା ସହିତ ଆପଣଙ୍କୁ ଭୋକ ଲାଗିବ ନାହିଁ ।

**ହାଡ଼ ମଜଭୁତ :** କଦଳୀରେ ରହିଥିବା କ୍ୟାଲସିୟମ୍ ହାଡକୁ ମଜଭୁତ କରିବାରେ ସାହାଯ୍ୟ କରିଥାଏ । ୩୦ ବର୍ଷ ପରେ ଅଧିକାଂଶ ଲୋକ ଅସ୍ଥି ଯନ୍ତ୍ରଣାର ଶିକାର ହୋଇଥାନ୍ତି । ଏହି ବୟସରେ ବ୍ୟକ୍ତି ପ୍ରତିଦିନ କଦଳୀ ଖାଇବା ଉଚିତ ।

## ଲିଭର ସୁସ୍ଥ ରଖିବା ଉପାୟ

ଫିଟନେସ ଏକ୍ସପର୍ଟଙ୍କ ଅନୁସାରେ ଜୁସ୍ ବା ତରଳ ଖାଦ୍ୟ ପଦାର୍ଥ ଆପଣଙ୍କ ଲିଭରକୁ ହେଲଦୀ ରଖିଥାଏ ।

ଲାଉ, ହଳଦୀ, ଧନିଆ, ଲେମ୍ବୁ ଓ କଳା ଲୁଣ ଜୁସ୍ ପ୍ରସ୍ତୁତ କରି ପିଅନ୍ତୁ । ଗାଜର, ଅଁଳା ଓ ସୈନ୍ଧବ ଲୁଣ ମିଶାଇ ଜୁସ୍ ପ୍ରସ୍ତୁତ କରି ପିଅନ୍ତୁ । ଖେଚୁଡି ଓ ଡାଲି ଖାଦ୍ୟରେ ସାମିଲ କରନ୍ତୁ ।

ପାଳଙ୍ଗ ଓ ବିଟ୍ ଜୁସରେ ଏକ ଚାମଚ କଳା ଲୁଣ ମିଶାଇ ପିଅନ୍ତୁ ।

କିଛି ଯୋଗାସନ ମଧ ଲିଭର ପାଇଁ ଖୁବ୍ ଫଳପ୍ରଦ । ଆପଣ ଧନୁରାସନ, ଗୋମୁଖ ଆସନ, ନୌକାସନ କରି ଖୁବ୍ ଆରାମରେ ନିଜ ଲିଭରକୁ ହେଲଦୀ ରଖି ପାରିବେ ।



## ସ୍ୱାସ୍ଥ୍ୟ ପାଇଁ କେତୋଟି ଜାଣିବା କଥା

ଉତ୍ତମ ପାଚନ ତନ୍ତ୍ର ନିମନ୍ତେ ସକାଳବେଳା ଆମେମାନେ ଅଧିକ ପାଣି ପିଇବା ସହ ରାତ୍ରିବେଳା କମ୍ ପରିମାଣରେ ପାଣି ପିଇବା ହିତକାରୀ ।

ବିଭିନ୍ନ ଅନୁଧାନରୁ ପ୍ରମାଣିତ ହୋଇଛି ଯେ ଭୋଜନର ଠିକ୍ ପରେ ପାଣି ପିଇଲେ ପେଟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବଢ଼ିଥାଏ । ଏଣୁ ଭୋଜନର ୩୦ ମିନିଟ୍ ପରେ ହିଁ ପାଣି ପିଇବା ଉଚିତ ।



ଘର ବାଲକୋନିରେ ଗେଣ୍ଡୁ ଫୁଲ କୁଣ୍ଡ ରଖନ୍ତୁ । ଗେଣ୍ଡୁ ଫୁଲର ବାସ୍ନାରେ ମ୍ୟାଲେରିଆ ମଶା ଦୂରେଇ ଯାଉଥିବାର ବିଶେଷଜ୍ଞଙ୍କ ମତ ।

ଆଖିର ଜ୍ୟୋତି ହ୍ରାସ ପାଉଥିଲେ, ଦୈନିକ ଗୋଟିଏ ଅଣ୍ଡା ସକାଳ ଜଳଖିଆରେ ଖାଇବା ଉଚିତ ।

ଉଚ୍ଚ ରକ୍ତଚାପ ରୋଗୀ ପ୍ରତ୍ୟେକ ବ୍ୟଞ୍ଜନରେ ରସୁଣ ଛୁଙ୍କ ବ୍ୟବହାର କରିବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।

ନିୟମିତ ଭାବେ ପେଟ ସମସ୍ୟା ହେଉଥିଲେ, ଆପଣ ନାଲି ଚା' ପିଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।

ଫ୍ରିଜରେ ପରିବା ରହି ଶୁଖିଯାଉଥିଲେ, ଏକ ପାତ୍ରରେ ଥଣ୍ଡା ପାଣି ଭର୍ତ୍ତି କରି ଫାଳେ ଲେମ୍ବୁ ଚିପୁଡି ଦିଅନ୍ତୁ । ସେହି ପାଣିରେ ପିଇବା କିଛି ସମୟ ଭିଜାଇ ରଖନ୍ତୁ ।

ଭୋକ ହେଉ ନଥିଲେ ପ୍ରତିଦିନ ଅଧ କପ୍ ଧନିଆ ରସ ପିଇଲେ ସମସ୍ୟା ଦୂର ହୁଏ ।

ଆଖିର ଜ୍ୟୋତି ବୃଦ୍ଧି ନିମନ୍ତେ ଅନ୍ୟ ଏକ ସରଳ ଉପାୟ ହେଉଛି ସକାଳ ଓ ସନ୍ଧ୍ୟାରେ ପ୍ରତିଦିନ ଅଧ ଚାମଚ ପାନମଧୁରୀ ଖାଇଲେ ଲାଭ ମିଳେ ।

ନିୟମିତ ଘି- କୁଆଁରୀ ରସ ତ୍ୱଚାରେ ଲଗାଇଲେ, ତ୍ୱଚା ଭାଙ୍ଗ ସମସ୍ୟା ବୟସ ହେବା ପରେ ମଧ ପଡେ ନାହିଁ ।

ପିଆଜକୁ ଫାଳଫାଳ କରି କାଟି କପଡ଼ାରେ ବାନ୍ଧି ଟ୍ୟୁବ୍ ଲାଇଟ୍ ପାଖରେ ଟଙ୍ଗାଇଲେ ଘରେ ଝିଟିପିଟି ହୋଇନଥାନ୍ତି ।

## ରୋଗର ବିଲୟକାରୀ ବେଲ

ହିନ୍ଦୁ ଧର୍ମରେ ଶିବଙ୍କ ପୂଜା ପାଇଁ ବେଲପତ୍ର ଏକ ଅତ୍ୟାବଶ୍ୟକ ସାମଗ୍ରୀ । ଲୋକେ ଶିବ ମନ୍ଦିରକୁ ଗଲେ ବେଲପତ୍ରଟିଏ ପାଇଁ ଆଶା କରନ୍ତି ଏବଂ ଅନ୍ୟାନ୍ୟ ଫୁଲ ଫଳ ଥିଲେ ମଧ ଏହାକୁ ପ୍ରସାଦ ରୂପେ ପାଇବା ସୌଭାଗ୍ୟର ପ୍ରତୀକ ବୋଲି ବିବେଚନା କରନ୍ତି । ଆୟୁର୍ବେଦ ଶାସ୍ତ୍ରରେ ଏହାର ମହାତ୍ମ୍ୟ ବର୍ଣ୍ଣିତ ହୋଇଛି । ଶରୀରକୁ ସୁସ୍ଥ ରଖିବା ପାଇଁ ଏହାର ଆବଶ୍ୟକତା ପ୍ରତିଦିନ ରହିଥିବାରୁ ହିନ୍ଦୁ ଧର୍ମ ସହିତ ଯୋଡି ଦିଆଯାଇଛି ।



ବେଲ'ର ସଂସ୍କୃତ ନାମ ବିଲ୍ୱ । ଏହାର କାରଣ ହେଉଛି, ରୋଗାନ୍ ବିଲୟତି ଭିନ୍ନତି ନାଶୟତି ଇତି ବିଲ୍ୱମ୍ । ଅର୍ଥାତ୍ ରୋଗମାନଙ୍କର ବିଲୟ କରୁଥିବାରୁ ଏହାର ନାମ 'ବିଲ୍ୱ' ବା 'ବେଲ' । ଶରୀରର ପୀଡ଼ା ଦୂର କରୁଥିବାରୁ ଏହାକୁ ମଧ 'ଶାଣ୍ଡିଲ୍ୟ' କୁହାଯାଏ । ଏହା ବ୍ୟତୀତ ଏହାର ସୁନ୍ଦର ଫଳ ପାହାଡ଼ମାନଙ୍କରେ ଦେଖାଯାଉଥିବାରୁ ଏହା 'ଶୈଳୁଷ' । 'ଶ୍ରୀଫଳ', ମାଲୁର, 'ଗନ୍ଧଗର୍ଭ', 'କଣ୍ଟକୀ', 'ସଦାଫଳ' ଓ 'ଗ୍ରନ୍ଥିକ' ଆଦି ନାମରେ ମଧ ଏହା ଜଣାଯାଏ । କଇଥ ପରି ଦେଖାଯାଉଥିବାରୁ ଏହାର ଅନ୍ୟନାମ 'ମହାକପିତ୍ଥ' ।

ବେଲର ପତ୍ର, କଷିଫଳ ଓ ପାଚିଲା ଫଳକୁ ଆୟୁର୍ବେଦରେ ଔଷଧ ରୂପେ ବ୍ୟବହାର କରାଯାଏ । ଏହାର ପତ୍ରର ରସ କଷାୟ ଓ ତିକ୍ତ, ଅତ୍ୟନ୍ତ ଉଷ୍ମ ଏବଂ ଏହା ଶରୀରରେ କଟୁଗୁଣ ରୂପେ କାର୍ଯ୍ୟ କରେ । ଏହା ଫଳରେ ସମସ୍ତ କଫଜାତ ରୋଗରେ ଏହାକୁ ବ୍ୟବହାର କରାଯାଏ । ପ୍ରତ୍ୟେହ ସକାଳେ ଖାଲିପେଟରେ ବେଲପତ୍ର ଖାଇଲେ ହଜମ ଶକ୍ତି ବୃଦ୍ଧି ପାଏ ଏବଂ ଏହା ପାଚନ କ୍ରିୟାରେ ସହାୟକ ହୁଏ । ଏହା ମଧ କୃମିନାଶକ । କଷି ବେଲକୁ ଶୁଖାଇ ଗୁଣ୍ଡକରି ବିଭିନ୍ନ ପ୍ରକାରର ଝାଡ଼ାରୋଗ ପାଇଁ ଔଷଧ ରୂପେ ବ୍ୟବହାର କରାଯାଏ । ଏହାକୁ ମହୁ ସହିତ ଖାଇଲେ ଅର୍ଶରୋଗରୁ ଉପଶମ ମିଳେ । ପେଟ କାଟି ହେଲେ ଏହାକୁ ଉଷୁମ ପାଣି ସହିତ ଖିଆଯାଏ । ଏହାର ପତ୍ର ରକ୍ତରେ ଶର୍କରା ପରିମାଣକୁ କମ୍ କରିବାରେ ସାହାଯ୍ୟ କରେ । ଗୋଲମରିଚ ସହ ବେଲପତ୍ର ଖାଇଲେ ଏହା କାମଳ ରୋଗରୁ ଉପଶମ ଦିଏ । ମହୁ ସହିତ ଖାଇଲେ ଶ୍ୱାସ ଓ କାଶରୋଗରୁ ଉପଶମ ମିଳେ । ପାଚିଲା ବେଲର ପଣା ଶରୀରକୁ ଶୀତଳତା ଦେବା ସହିତ ଆମାଶୟ ରୋଗ ପାଇଁ ଉପଯୋଗୀ ହୁଏ । ଏହା ଶରୀରର ବଳବୃଦ୍ଧି ଦୃଷ୍ଟିରୁ ମଧ ଉପକାରୀ ।

ବିଶେଷ କଥା ହେଉଛି ଶ୍ରୀଜଗନ୍ନାଥଙ୍କ ଜ୍ୱର ହୋଇଥିବା ସମୟରେ ଅଣସରରେ ତାଙ୍କୁ ବେଲମୂଳ ସହିତ ଅନ୍ୟ ନଅଟି ମୂଳ ମିଶାଯାଇ ମୋଦକ ପ୍ରସ୍ତୁତ କରି ଦିଆଯାଇଥାଏ । ତ୍ରିଶାଖୀ ବେଲପତ୍ରର ବିଶେଷ ଉପଯୋଗ ଜାଗର ଦିନ ହୁଏ । ଏହିଦିନ ଉପବାସ ରହି ରାତିରେ ମହାଦ୍ୱୀପ ଉଠିବା ପରେ, ବେଲପତ୍ର, ଗୋଲମରିଚ ଓ ମିଶ୍ରିପାଣି ପିଇବାର ପ୍ରଥା ଅଛି । ଏହା ଆମ ଶରୀରରେ ଥିବା ସମସ୍ତ ଆମଦୋଷ, କଫ ଓ କୃମି ନାଶ କରିଥାଏ । ଏହାର ପ୍ରଭାବ ସାରା ବର୍ଷ ପାଇଁ ଶରୀର ଉପରେ ରହେ ।

## ସ୍ୱର୍ବେଦ

**ସଦ୍‌ଗୁରୁ କୀ ଯହ କନ୍ଦରା, ଜ୍ଞାନ ରତନ କୀ ଖାନ ।**
**ସିଦ୍ଧପୀଠ ଯହ ଜାନିୟେ, ଦେଓ୍ୱେ ପଦ ନିରଓ୍ୱାନ ।।୦୭।।**

ଭାଷ୍ୟ - ଶୂନ୍ୟ ଶିଖର ସ୍ଥିତ ସଦ୍‌ଗୁରୁଙ୍କର ଏହି ଗୁ। ଜ୍ଞାନରତ୍ନର ଖଣି ଅଟେ ଯେଉଁଠାରୁ ଆଧ୍ୟାତ୍ମର ଅନୁଭବ ତତ୍ତ୍ୱ ପ୍ରକଟ ହୋଇଥାଏ । ଏହାକୁ ଯୋଗୀମାନଙ୍କର ସିଦ୍ଧ ସ୍ଥାନ ବୋଲି ଜାଣିବା ଉଚିତ । ଏହି ଋଷି ଆଶ୍ରମ ବିହଙ୍ଗମ ଯୋଗ ସମାଧି ଦ୍ୱାରା ପରଂବ୍ରହ୍ମଙ୍କର ଅନୁଭବ ସାକ୍ଷାତ୍‌କାର ହେବା ପରେ ପରମପଦ ଚେତନ ନିର୍ବାଣ ପରମାନନ୍ଦଙ୍କୁ ପ୍ରଦାନ କରିଥାଏ । ଏହା ଯୋଗ ସମାଧି ନିମନ୍ତେ ସର୍ବଶ୍ରେଷ୍ଠ ଅନୁକୂଳ ସ୍ଥାନ ଅଟେ । ଯୋଗୀଙ୍କୁ ସିଦ୍ଧ ଏବଂ ତାଙ୍କ ବସିବା ସ୍ଥାନକୁ ପୀଠ ଅଥବା ପିଣ୍ଡା କୁହାଯାଏ । ଅତଏବ ଯୋଗୀମାନଙ୍କର ଧାମ ହୋଇଥିବାରୁ ଗ୍ରନ୍ଥାକାର ଏହି ଶୂନ୍ୟ ଶିଖରକୁ ସିଦ୍ଧପୀଠ ବୋଲି କହିଛନ୍ତି । ଏହି ସ୍ଥାନରେ ନିଷ୍କାମ ତଥା ବିଶୁଦ୍ଧ ଭାବରେ ରହି ସାଧନ-ଅଭ୍ୟାସ କରିବା ଦ୍ୱାରା ଜ୍ଞାନ-ବିଜ୍ଞାନ ଏବଂ ସମସ୍ତ ସିଦ୍ଧି ପ୍ରାପ୍ତ ହୋଇପାରିବ । ଏହି ଶୂନ୍ୟ ଶିଖର ଆଶ୍ରମର ମହିମା ସଦ୍‌ଗୁରୁ ଦେବ ନିଜ ବଚନ ଦ୍ୱାରା ବର୍ଣ୍ଣନା କରିଛନ୍ତି ।

**ସାର ଶବ୍ଦ କୀ ଭଜନ ସେ, ସର୍ଓ୍ୱ ବ୍ୟାଧି ନଶି ଜାୟ ।**
**ଆତମ ପାୟ ନିରୋଗ୍ୟତା, ସ୍ୱବଲ ଆୟ ବଲ ଧାୟ ।।୦୮।।**

ଭାଷ୍ୟ - ପରମ ପୁରୁଷ ସାରଶବ୍ଦଙ୍କର ଭକ୍ତିରୁ ସମସ୍ତ ପ୍ରାକୃତିକ ବ୍ୟାଧି ନାଶ ହୋଇଥାଏ । ମନ ଆଉ ଆତ୍ମାର ସମସ୍ତ ବିକାର ନଷ୍ଟ ହୋଇଯାଏ ଏବଂ ତ୍ରିବିଧ ତାପଗୁଡ଼ିକର ସମୂଳେ ନାଶ ହୋଇଯାଏ । ସମସ୍ତ ବ୍ୟାଧିଗୁଡ଼ିକ ନଷ୍ଟ ହୋଇଯିବା ପରେ ଆତ୍ମା ପବିତ୍ର ଆଉ ଆରୋଗ୍ୟ ହୋଇ, ନିଜ ଶୁଦ୍ଧ ବଳ ଏବଂ ଅନ୍ୟ ସ୍ୱାଭାବିକ ଭାବରେ ପ୍ରାପ୍ତ ହୋଇଥିବା ବଳଗୁଡ଼ିକୁ ଧାରଣ କରି ଶକ୍ତିମାନ ଆଉ ତେଜସ୍ୱୀ ହୋଇଯାଏ । ମନ ଏବଂ ପ୍ରାଣର ବିକୃତି ଅଥବା ଅସୁସ୍ଥତା ଯୋଗୁଁ ଶରୀରରେ ଅନେକ ପ୍ରକାରର କଷ୍ଟ ଏବଂ ପରିତାପ ହୋଇଥାଏ । ଯେତେବେଳେ ଯୋଗୀର ମନ ବିଶୁଦ୍ଧ ହୋଇଯାଏ ଓ ପ୍ରାଣ ଶୁଦ୍ଧପୁତ ହୋଇ ନିଜ ପ୍ରଦେଶରେ ପ୍ରବେଶ କରି ଶାନ୍ତ ହୋଇଯାଏ ସେହି କାଳରେ ସେହି ଯୋଗୀର ସମସ୍ତ ଦୋଷ ଏବଂ କଳୁଷ ସ୍ୱତଃ ଭାବରେ ନଷ୍ଟ ହୋଇଯାଏ ଆଉ ସେ ଯୋଗମୟ, ତପସ୍ୱୀ ତଥା ଜିତେନ୍ଦ୍ରୀୟ ଜୀବନ ଅନେକ ବଳ ଆଉ ପରାକ୍ରମଯୁକ୍ତ ହୋଇ ମହାନ୍ ଆଉ ତେଜସ୍ୱୀ ହୋଇଯାଏ । ଯୋଗବିଦ୍ୟା ଦ୍ୱାରା ପ୍ରାକୃତିକ ସମସ୍ତ ଶକ୍ତିମାନଙ୍କର ଉତ୍ଥାନ ଏବଂ ଆତ୍ମ-ଐଶ୍ୱର୍ଯ୍ୟର ପ୍ରାପ୍ତି ହୋଇଥାଏ । ଏହା ଯୋଗବିଦ୍ୟାର ମହିମା ଅଟେ ।

**ଜବ ତକ ମନ ଅରୁ ପ୍ରାଣ ହେ, ସୂକ୍ଷ୍ମ ଦେହ ରହ ଜାନ ।**
**ସତ ଗୁଣ ଆତ୍ମ ପ୍ରଭାଓ୍ୱ ହୈ, ତବ ତକ କାରଣ ମାନ ।।୦୯।।**

ଭାଷ୍ୟ - ଯେତେବେଳ ପର୍ଯ୍ୟନ୍ତ ଆତ୍ମାର ସମ୍ବନ୍ଧ ମନ ଆଉ ପ୍ରାଣ ସହିତ ଲାଗି ରହିଛି, ସେତେବେଳ ପର୍ଯ୍ୟନ୍ତ ନିଜ ସାଥୀରେ ସୂକ୍ଷ୍ମ ଶରୀରର ସମ୍ବନ୍ଧ ରହିଛି- ଏହା ଜାଣିବା ବିଧେୟ । ସେହିପରି, ଯେତେବେଳ ପର୍ଯ୍ୟନ୍ତ ସତ୍ୱ ଗୁଣ ପ୍ରକୃତିର ସମ୍ବନ୍ଧ ଆତ୍ମା ସହିତ ରହିଛି ସେତେବେଳ ପର୍ଯ୍ୟନ୍ତ ନିଜ ଆତ୍ମା ସହିତ କାରଣ ଦେହ ଲାଗି ରହିଥାଏ -ଏହା ଜାଣିବା ଉଚିତ । ମୂଳ ପ୍ରକୃତି ଆଉ ଆତ୍ମାର ସମ୍ବନ୍ଧକୁ କାରଣ ଦେହ କହନ୍ତି । ଯୋଗ ବିଜ୍ଞାନ ଦ୍ୱାରା କ୍ରମଶଃ ସ୍ଥୁଳ, ସୂକ୍ଷ୍ମ ଏବଂ କାରଣ ଦେହର ମମତ୍ୱ ସମ୍ବନ୍ଧ ଛାଡ଼ିଯାଏ ଆଉ ଆତ୍ମାର କ୍ରମୋନ୍ନତି ହୋଇ ବିକାଶର ଉଚ୍ଚ ଶିଖରକୁ ସ୍ପର୍ଶ କରେ । ଏହା ବ୍ରହ୍ମବିଦ୍ୟାର ଯୋଗ-ବିଜ୍ଞାନ ଅଟେ, ଯାହାକୁ ସଦ୍‌ଗୁରୁଗଣ ଜାଣିଥାନ୍ତି । ବିହଙ୍ଗମ ଯୋଗ ସାଧନା ଦ୍ୱାରା ବ୍ରହ୍ମବିଦ୍ୟାର ପୂର୍ଣ୍ଣ ନିର୍ଭ୍ରାନ୍ତ ଜ୍ଞାନ ସଦ୍‌ଗୁରୁଙ୍କର ଶରଣାଗତ ହେଲେ ପ୍ରାପ୍ତ ହୋଇଥାଏ ।

**ଜବ ତକ ଚେତନ ଅର୍ଧମୁଖୀ, ମହ କାରଣ ହେ ଦେହ ।**
**ମଧ୍ୟ ଭାଓ୍ୱ କୈଓ୍ୱଲ୍ୟ ହେ, ସତ ମମ ଅନୁଭଓ୍ୱ ଏହ ।।୧୦।।**

ଭାଷ୍ୟ - ଯେଉଁ କାଳରେ ଆତ୍ମା ବାହ୍ୟ ଆଧାରକୁ ଛାଡ଼ି ପ୍ରକୃତି ଆଡ଼କୁ ମୁହାଁଏ ସେହି ଅବସ୍ଥାର ଦେହକୁ ମହାକରଣ ଦେହ କୁହାଯାଏ ଏବଂ ଯେତେବେଳେ ଆତ୍ମ ଚେତନା ପ୍ରକୃତିମୁଖୀ ନ ହୋଇ ନିଜ ଚେତନ ସ୍ୱରୂପରେ ବିସ୍ମୃତ ରହେ ସେତେବେଳେ ନିଜ ଶୁଦ୍ଧ ସ୍ୱରୂପର ଜ୍ଞାନାଭିମୁଖୀ ଅଥବା ପ୍ରକୃତିମୁଖୀ ହୋଇପାରେ ନାହିଁ । ତେଣୁ ଏହି ଭ୍ରମଯୁକ୍ତଚେତନ ମଧ୍ୟ ଅବସ୍ଥାକୁ 'କୈବଲ୍ୟ ଦେହ' କହିଥାନ୍ତି । 'ଅହଂ ବ୍ରହ୍ମାସ୍ମି' - ଏହି ଭାବ ଜୀବର ପ୍ରକୃତିମୁଖୀ ହେବାର ପ୍ରଥମ କାରଣ ଅଟେ । ସେଥିପାଇଁ ଏହା ଅଜ୍ଞାନ ଅବସ୍ଥା ଅଟେ ଯେଉଁଥିପାଇଁ ଆତ୍ମାକୁ ନିଜର ସ୍ୱରୂପରେ ଭ୍ରମ ହୋଇଯାଏ ଆଉ ଅଭିମାନ ଭ୍ରମଯୁକ୍ତ ଅବସ୍ଥା ହେବା ଫଳରେ ପ୍ରକୃତିମୁଖୀ ଗତି ହୋଇଯାଏ ଏବଂ ପ୍ରକୃତିର ସମ୍ବନ୍ଧରୁ ସେ ନିମ୍ନକୁ ଆସି ଜଗତର ବ୍ୟବହାର-ମାୟା-ପ୍ରପଞ୍ଚକୁ ପ୍ରାପ୍ତ କରି ଆତଯାତ ହୁଏ ଏବଂ ଜରା-ମରଣ ଭଳି ଅତ୍ୟନ୍ତ ଦୁଃଖକୁ ପ୍ରାପ୍ତ କରିଥାଏ । ଏହା ଆତ୍ମାର ଅଧୋଗତି ଅର୍ଥାତ୍ ଅର୍ଦ୍ଧ ପ୍ରବାହ ଅଟେ । ଏହାକୁ ଆବୃତ୍ତି ଆଉ ଆତ୍ମାର ପତନ ବୋଲି କହିଥାନ୍ତି ।

**ଗଗନ ମଣ୍ଡଲ ମେଁ ଶାନ୍ତ ହୈ, ଚେତନ ଅମୃତ ନୀର ।**
**ଶବ୍ଦ ସ୍ୱରୂପୀ ହଁସ ହୈ, ଚୁଗତ ମୋତୀ ଧୀର ।।୧୧।।**




ଭାଷ୍ୟ - ଚେତନ ମହାମଣ୍ଡଳରେ ପୂର୍ଣ୍ଣ ଚେତନ ଶବ୍ଦାମୃତ ବ୍ରହ୍ମାନନ୍ଦ ରସ ଶାନ୍ତ ଅଟେ । ତାହାଠୁ ଶବ୍ଦ ରୂପ ହୋଇ ବିହଙ୍ଗମ ଯୋଗୀ ଧୀର ସନ୍ଥ ନିଜ ଶୁଦ୍ଧ ହଂସ ରୂପରେ ସେହି ମାନସରୋବରର ମୋତିକୁ ଉଠାଇବାରେ ଲାଗନ୍ତି ଅର୍ଥାତ୍ ବିହଙ୍ଗମ ଯୋଗୀ ନିଜ ଶୁଦ୍ଧ ଆତ୍ମସ୍ୱରୂପରେ ଶବ୍ଦ ମହାମଣ୍ଡଳରେ ସୋମରସ ପାନକରି କୃତକୃତ୍ୟ ହୋଇ ଯାଆନ୍ତି ।

**ଦିବ୍ୟ ଦୃଷ୍ଟି ଅନ୍ତର ଖୁଲେ, ଚେତନ ତ୍ରାଟକ ହୋୟ ।**
**ସାର ଶବ୍ଦ ଅନୁଭଓ୍ୱ ଚଲେ, ସୁରତି ସେ ନିରତି ବନୋୟ ।।୧୨।।**

ଭାଷ୍ୟ - ଅନ୍ତରର ଦିବ୍ୟଦୃଷ୍ଟି ଖୋଲିଯିବା ପରେ ପରଂବ୍ରହ୍ମଙ୍କର ପ୍ରତ୍ୟକ୍ଷ ଦର୍ଶନ ହୋଇଥାଏ । ପୁନଶ୍ଚ ସାକ୍ଷାତ୍‌କାର ହେବା ପରେ ଚେତନ ତ୍ରାଟକ ଦ୍ୱାରା ସୁରତି ନିରତି ସ୍ୱରୂପ ହୋଇ ସାରଶବ୍ଦଙ୍କର ପ୍ରତ୍ୟକ୍ଷ ଅନୁଭବ ସାକ୍ଷାତ୍‌କାର ପ୍ରାପ୍ତ ହୋଇଥାଏ । କୌଣସି ବସ୍ତୁ ପ୍ରତ୍ୟକ୍ଷ ହେବା ପରେ ହିଁ ତାହାର ପ୍ରାପ୍ତି ତଥା ଉପଭୋଗ ହୋଇଥାଏ । ସେଥିପାଇଁ ଏହି ପଦରେ ଦିବ୍ୟଦୃଷ୍ଟି ହୋଇଯିବା ପରେ ଚେତନ ପ୍ରକାଶରେ ଚେତନ ତ୍ରାଟକ କରିବାର ଉପଦେଶ ପ୍ରଦାନ କରାଯାଇଛି । ଧ୍ୟାନ ପରେ ସମାଧି ଏବଂ ପୂର୍ଣ୍ଣ ଲକ୍ଷ୍ୟର ପ୍ରାପ୍ତି ହୋଇଥାଏ ।

**ସାର ଶବ୍ଦ ଗୁରୁ ଗମ୍ୟ ମେଁ, ନିଶ୍ଚୟ ଅନ୍ତର ଠାମ ।**
**ଓ୍ୱିରହ ଯୁକ୍ତି ଅନୁରାଗ ସେ, ସହଜ ଦୃଷ୍ଟି ନିଷ୍କାମ ।।୧୩।।**

ଭାଷ୍ୟ - ବିରହ ପ୍ରେମରେ ଯୁକ୍ତ ନିଷ୍କାମ ହୋଇ ଅନୁଭବ ଯୋଗର ସହଜ ଦୃଷ୍ଟିରେ ଅନ୍ତର୍ଭେଦ ଲକ୍ଷ୍ୟରେ ସ୍ଥିର ହୋଇ ସଦ୍‌ଗୁରୁ ବିଧାନ ଦ୍ୱାରା ସାରଶବ୍ଦର ପ୍ରାପ୍ତି ହୋଇଥାଏ । ସାଧକ ଯେତେବେଳେ ଯୋଗର ବିଶିଷ୍ଟ ଅବସ୍ଥାକୁ ପ୍ରାପ୍ତ କରିନିଏ, ସେତେବେଳେ ତାହାକୁ ଏହି ସ୍ଥିତି ପ୍ରାପ୍ତ ହୋଇଥାଏ ଆଉ ସହଜ ଦୃଷ୍ଟିରେ ଚିଦାକାଶରେ ସାରଶବ୍ଦଙ୍କର ଅନୁଭବ କରିଥାଏ ।

**ପ୍ରାଣ ସାଧାରଣ ରେଚ କର, ମନ ଓ୍ୱ ପଓ୍ୱନ କୋ ବାଁଧ ।**
**ଯୋଗ ଯୁକ୍ତି ଅନ୍ତର ଚଢ଼ୋ, ଜ୍ଞାନ ଓ୍ୱିରାଗ ସାଧ ।।୧୪।।**

ଭାଷ୍ୟ - ଅନଭବୀ, ବିବେକୀ ସାଧକ ଜ୍ଞାନ ଆଉ ବୈରାଗ୍ୟ ପୂର୍ଣ୍ଣ ହୋଇ ଅନ୍ତରସ୍ଥ ଅଳ୍ପ ବାୟୁକୁ ବାହାରକୁ ଫିଙ୍ଗିଦେଇ ମନ ଆଉ ପବନକୁ ସ୍ଥିରକରି ଯୋଗର ସଦ୍‌ଯୁକ୍ତିରେ ଅନ୍ତର ଭେଦ ରହସ୍ୟମୟ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୁଅନ୍ତି । ଏହି ଦୋହାରେ ମନ ଆଉ ପବନକୁ ସ୍ଥିର କରି ଅନ୍ତର ପ୍ରଦେଶରେ ଚାଲିବାର ଉପାୟ ବିଷୟରେ କୁହାଯାଇଛି, ଯାହାକୁ କେବଳ ସହଜ ଯୋଗାଭ୍ୟାସୀ ଜାଣିଥାନ୍ତି ।

**ବାଲାପନ ଅଭ୍ୟାସ ମେଁ, ମମ ଶିର ଅଙ୍ଗୁଲ ରାଖି ।**
**ଅମର ପୁରୁଷ ଓ୍ୱହ କୌନ ହୈ, ତତ୍ତ୍ୱ ଓ୍ୱେତ୍ତା ଯହ ଭାଖି ।।୧୫।।**

ଭାଷ୍ୟ - ବାଲ୍ୟ କାଳରେ ଯୋଗାଭ୍ୟାସ କରିବା ସମୟରେ ମୋର ମସ୍ତକରେ କେହି ଜଣେ ଅମର ପୁରୁଷ ଅଙ୍ଗୁଳି ରଖିଥିଲେ । ଆଧ୍ୟାତ୍ମ ତତ୍ତ୍ୱବେତ୍ତା ଏହା କୁହନ୍ତୁ ଯେ ସେହି ଅମର ପୁରୁଷ କିଏ ଥିଲେ ? ସଦ୍‌ଗୁରୁ ଦେବଜୀ ନିଜ ମସ୍ତକରେ ଅଙ୍ଗୁଳି ସ୍ପର୍ଶ କରୁଥିବା ସତ୍‌ପୁରୁଷଙ୍କ ସମ୍ପର୍କରେ ଚର୍ଚ୍ଚା କରିଛନ୍ତି । ସଦ୍‌ଗୁରୁ ବିନା ଏହି ଗୂଢ଼ ଆଧ୍ୟାତ୍ମ ବିଦ୍ୟାର ରହସ୍ୟ ଆଉ ଅନୁଭବ ଚେତନ ପ୍ରକାଶ ପ୍ରାପ୍ତ ହୋଇ ପାରେ ନାହିଁ । ସଦ୍‌ଗୁରୁ ହିଁ ଆଧ୍ୟାତ୍ମ ଜଗତର ପିତା ଆଉ ଚେତନ ପ୍ରକାଶର ପ୍ରଦାତା ପରମାନନ୍ଦଙ୍କୁ ପ୍ରାପ୍ତ କରାଉଥିବା ବ୍ୟକ୍ତି ଅଟନ୍ତି, ଯାହାର ବର୍ଣ୍ଣନା ଏହି ପଦରେ କରାଯାଇଛି । ସଦ୍‌ଗୁରୁଙ୍କର ଛତ୍ରଛାୟାରେ ହିଁ ଆଧ୍ୟାତ୍ମିକ ଜୀବନର ବିକାଶ ଆଉ ପରମ ଲକ୍ଷ୍ୟ ପରମାନନ୍ଦଙ୍କର ପ୍ରାପ୍ତି ହୋଇଥାଏ । ଗୁରୁଦେବଙ୍କର ମସ୍ତକରେ ଅମର ପୁରୁଷଙ୍କର ବରଦ ହସ୍ତ ବାଲ୍ୟକାଳରେ ହିଁ ପ୍ରାପ୍ତ ହୋଇଥିଲା, ଯାହାର ପରିଣାମ ସ୍ୱରୂପ ତାଙ୍କୁ ଆଧ୍ୟାତ୍ମର ଉଚ୍ଚ ନିଷ୍ଠା ପ୍ରାପ୍ତି ହୋଇଥିଲା । ଏହା ଅମର ପୁରୁଷ ସଦ୍‌ଗୁରୁଙ୍କର ଅସୀମ କୃପାର ଉତ୍ତମ ଫଳ ଅଟେ ।

**ମମ ସ୍ୱରୂପ ମେଁ ପ୍ରକଟ ଭୋ, ଖାରୀ ମେଁ ଓ୍ୱହ ଆୟ ।**
**ମମ ସ୍ୱରୂପ ଅଭିମାନ କ୍ୟା, ଯହ ରହସ୍ୟ ଓ୍ୱତଲାୟ ।।୧୬।।**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁଦେବ ଗ୍ରନ୍ଥ ରଚୟିତା ସଦ୍‌ଗୁରୁ ଦେବଜୀ ମହାରାଜଙ୍କର ସ୍ୱରୂପରେ ପ୍ରକଟ ହୋଇ ଖାରୀ ନାମକ ଗ୍ରାମକୁ ଆସିଥିଲେ । ସ୍ୱର୍ବେଦର ନିର୍ମାତା ସଦ୍‌ଗୁରୁ ଦେବଙ୍କର ସ୍ୱରୂପରେ ପ୍ରକଟ ହେବାର ଭାବ କ'ଣ ହୋଇ ପାରେ ? ଏହି ସ୍ୱରୂପ ନିମନ୍ତେ ତାଙ୍କର କ'ଣ ଅଭିମାନ ଅଛି ? ଏହି ରହସ୍ୟଭେଦ ସମ୍ପର୍କରେ ବିଶଦ ଭାବରେ କୁହନ୍ତୁ । ଏହି ପ୍ରଶ୍ନ ସମସ୍ତ ଆଧ୍ୟାତ୍ମ ଜ୍ଞାନୀ ପଚାରୁଛନ୍ତି । ସଦ୍‌ଗୁରୁ ପଦକୁ ସ୍ୱୀକୃତି ପ୍ରଦାନ କରିବା ନିମନ୍ତେ ଏବଂ ସଂସାରର ଆଚାର୍ଯ୍ୟ, ଉପଦେଷ୍ଟା ପଦକୁ ପୂର୍ଣ୍ଣ ପ୍ରତିଷ୍ଠିତ କରିବା ପାଇଁ ନିତ୍ୟ ଅନାଦି ସଦ୍‌ଗୁରୁ ସଦାଫଳ ଦେବଜୀ ମହାରାଜଙ୍କର ସ୍ୱରୂପରେ ପ୍ରକଟ ହୋଇଛନ୍ତି । ଏହା ତାଙ୍କର ସ୍ୱରୂପରେ ପ୍ରକଟିତ ହେବାର ରହସ୍ୟ ଅଟେ ।

**ହୈ ସମୀପ ଦେଖେଁ ନହାଁ, ଓ୍ୱହ ଦେଖେ ସବ କୋୟ ।**
**ଜରା ମୃତ୍ୟୁ ନହିଁ ତାହି ମେଁ, କହ ପଣ୍ଡିତ ଓ୍ୱହ କୋୟ ।।୧୭।।**

ଭାଷ୍ୟ - ସେହି ନିତ୍ୟ ଅବିନାଶୀ ସତ୍‌ପୁରୁଷ ନିକଟରେ ହିଁ ଅଛନ୍ତି । ତାଙ୍କୁ କେହି ଦେଖି ପାରନ୍ତି ନାହିଁ, ମାତ୍ର ସେ ସମସ୍ତଙ୍କୁ ଦେଖି ପାରନ୍ତି । ତାଙ୍କୁ ଜରା କିମ୍ବା ମୃତ୍ୟୁ ସ୍ପର୍ଶ କରିପାରେ ନାହିଁ । ପ୍ରକୃତି ତଥା ଆତ୍ମାର ତତ୍ତ୍ୱଭେଦକୁ ଜାଣିଥିବା ବିଦ୍ୱାନ ଏହା କହିବା ହୁଅନ୍ତୁ କି ସେହି ପୁରୁଷ ଜଣକ କିଏ ଅଟନ୍ତି ?

## ମୁହଁ ଓ କେଶ ପାଇଁ ଲାଭଦାୟକ ନିମ୍ବପତ୍ର

**ଆ**ୟୁର୍ବେଦ ଅନୁସାରେ ନିମ୍ବର ପତ୍ର ଆଣ୍ଟିବାୟୋଟିକ୍, ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଆଲର୍ଜି ହୋଇଥାଏ । ଏହା ଆମକୁ ପ୍ରଦୂଷଣ ସହିତ ଅନ୍ୟ କୀଟନାଶକ ରୋଗ ଠାରୁ ବଞ୍ଚାଇଥାଏ ।



**ପେଟ୍ ପାଇଁ :** ଗ୍ୟାସ୍, ଅଲସର ଏବଂ ପେଟର ଅନ୍ୟ ସମସ୍ୟା ମାନଙ୍କ ସହିତ ଟି.ଭି, ୟୁରିନ୍ ଇନଫେକସନ ହୋଇଥିଲେ ନିମ୍ବ ପତ୍ରକୁ ଖାଲି ପେଟରେ ଚୋବାଇଲେ ଆରାମ ମିଳିଥାଏ । ପେଟର ସଫା ପାଇଁ ନିମ୍ବରସ ଦିଆଯାଇଥାଏ । ବସନ୍ତ ଋତୁରେ ନିମ୍ବର ୩-୪ ଟି କୋମଳ ପତ୍ର ଚୋବାଇଲେ ଟାଇଫଏଡ୍, ମିଳିମିଳା, ଜଣ୍ଡିସ ପରି ସଂକ୍ରାମକ ରୋଗ ଦୂର ହୋଇଥାଏ ।

**ଚେହେରା ଜନିତ ରୋଗ ପାଇଁ :** କୁଣ୍ଡିଆ, ଘିମିରି, ଏକଜିମା, କୁଷ୍ଠ ଆଦି ଚେହେରା ବା ଚର୍ମ ସମ୍ବନ୍ଧିତ ରୋଗ ପାଇଁ ନିମ୍ବ ପତ୍ରର ଲେପ ବନାଇ ଲଗାଇବା ଫଳରେ ଲାଭପ୍ରଦ ହୋଇଥାଏ ।

**କେଶ ପାଇଁ :** ନିମ୍ବର ଶୁଖିଲା ପତ୍ରକୁ ବାଟି ମେହେନ୍ଦି, ଅଁଳା, ରିଠା, ସିକାକାୟରେ ମିଶାଇ ବାଳରେ ଏକଘଣ୍ଟା ଲଗାଇ ଧୋଇବା ଫଳରେ ବାଳ କଳା ନରମ ଓ ଘଞ୍ଚ ହୋଇ ରୂପି ମଧ ଦୂର ହୋଇ ଯାଇଥାଏ ।

**ତେଲରେ ପ୍ରୟୋଗ :** ଲୁହାର ପାତ୍ରରେ ୨୦୦ ଗ୍ରାମ ନଡିଆ କିମ୍ବା ସୋରିଷର ତେଲରେ ଦୁଇ ମୁଠା ନିମ୍ବପତ୍ର ପେଷ୍ଟ, ଅଁଳା, ଘିକୁଆଁରୀ ଏବଂ ଦାନାମେଥି ଗରମ କରି ଥଣ୍ଡା ହେଲାପରେ ଏହାକୁ ପ୍ରୟୋଗ କରନ୍ତୁ । ସପ୍ତାହରେ ଏହାକୁ ୨ ଥର ଏହି ତେଲକୁ ମୁଣ୍ଡରେ ମାଲିସ୍ କରନ୍ତୁ ।

## ରସୁଣର ଉପକାରିତା

ରସୁଣ ସାଧାରଣତଃ ଏକ ମସଲା ଦ୍ରବ୍ୟଭାବରେ ବହୁଳ ବ୍ୟବହୃତ ହୁଏ । ତେବେ ଆଧୁନିକ ଯୁଗରେ ଏହା ଉପରେ କରାଯାଇଥିବା ଅନେକ ଗବେଷଣାରୁ ଏଥିରେ ଥିବା ଅନେକ ଆଶ୍ଚର୍ଯ୍ୟଜନକ ଔଷଧୀୟ ତତ୍ତ୍ୱ ବିଷୟରେ ଜଣାପଡିଛି । ବୈଜ୍ଞାନିକମାନଙ୍କ ମତରେ ତୀବ୍ର ଗନ୍ଧଯୁକ୍ତ ରସୁଣ ରୋଗ ଉପଚାର କ୍ଷେତ୍ରରେ ଏକ ସଞ୍ଜିବନୀ ସଦୃଶ ଅଟେ । ଯାହାକି ହୃଦରୋଗ, କ୍ୟାନସର ଓ ଏଡ଼ସ୍ ଭଳି ମାରାତ୍ମକ ରୋଗ ଦାଉରୁ ସୁରକ୍ଷା ଦେଇଥାଏ ।

ଆନାଲସ ଅଫ ଇଣ୍ଟରନାଲ୍ ମେଡିସିନ୍'ର ଏକ ରିପୋର୍ଟ ଅନୁସାରେ ପ୍ରତି ସପ୍ତାହରେ ପାଞ୍ଚଟି ଦାନା କଞ୍ଚା କିମ୍ବା ସିଝା ରସୁଣ ଖାଇବା ଦ୍ୱାରା କ୍ୟାନସର ବିପଦ ୩୦ ରୁ ୪୦ ପ୍ରତିଶତ କମ୍ ହୋଇଥାଏ । ରସୁଣରେ କ୍ୟାନସର ପ୍ରତିରୋଧ କ୍ଷମତା ଭରପୁର ମାତ୍ରାରେ ରହିଛି । ରସୁଣରେ ଥିବା 'ଏଲିସିନ୍' ନାମକ ରାସାୟନିକ ତତ୍ତ୍ୱ ଯୋଗୁଁ ଏହାର ତୀବ୍ର ଗନ୍ଧ ଓ କ୍ୟାନସର ପ୍ରତିରୋଧୀ ଗୁଣ ବିଦ୍ୟମାନ । ଏହା ବ୍ୟତୀତ ଅନ୍ୟ ଏକ ଗବେଷଣାରୁ ଜଣାଯାଇଛି ଯେ, ନିୟମିତ ରସୁଣ ସେବନ କରିବା ଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ସ୍ତର କମିଯାଏ । ତେଣୁ ମଧୁମେହ, ଉଚ୍ଚ ରକ୍ତଚାପ ଓ ମେଦବୃଦ୍ଧି ଭଳି ରୋଗର ଆଶଙ୍କା ମଧ କମିଯାଏ ।

ଜର୍ଣ୍ଣାଲ ଅଫ୍ ନ୍ୟୁଟିସନ୍ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ନିୟମିତ ଏକ ସପ୍ତାହ ପର୍ଯ୍ୟନ୍ତ ରସୁଣ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ୧୦ ପ୍ରତିଶତ କମ୍ ହୋଇଯାଏ । ତେଣୁ ଏହା ହୃଦରୋଗର ଆଶଙ୍କା ଦୂର କରିବାରେ ଅତ୍ୟନ୍ତ ଉପଯୋଗୀ ଅଟେ । ଆହୁରି ମଧ ନିୟମିତ ଦୁଇ ପାଖୁଡା କଞ୍ଚା ରସୁଣ ଚୋବାଇ ଖାଇବା ଦ୍ୱାରା ରକ୍ତରେ ଥୋକ୍କା ହେବା ପ୍ରକ୍ରିୟା ଅତି ଶିଥିଳ ହୋଇଯାଏ, ଯଦ୍ୱାରା ହୃଦରୋଗର ବିପଦ ରହେ ନାହିଁ । ଉଚ୍ଚ ରକ୍ତଚାପ ରୋଗରେ ମଧ ରସୁଣ ସେବନ ଲାଭଦାୟକ ଅଟେ ।

ଆଧୁନିକ ଲାବୋରେଟୋରୀରେ ପରୀକ୍ଷାରୁ ରସୁଣରେ ଏକ ପ୍ରକାର ଆଣ୍ଟିବାୟୋଟିକ୍ ଗୁଣ ରହିଥିବାର ମଧ ଦେଖାଯାଇଛି । ଅନ୍ୟାନ୍ୟ ଆଣ୍ଟିବାୟୋଟିକ୍ ତୁଳନାରେ ଏହା କୌଣସି ଗୁଣରେ କମ୍ ନୁହେଁ । ଏଥିପାଇଁ ଏହା ଖୁବ୍ ସହଜରେ ଜୀବାଣୁ ନାଶ କରିଥାଏ । ଘା' ବା ସଂକ୍ରମିତ କ୍ଷତ ଧୋଇବା ପାଇଁ ଏକ ଭାଗ ରସୁଣରେ ତିନିଭାଗ ପାଣି ମିଶାଇ ପ୍ରୟୋଗ କରିବାକୁ ପଡ଼େ ।

ରସୁଣ ସେବନ କରିବା ଉଚ୍ଚ



ରକ୍ତଚାପ ରୋଗୀଙ୍କ ପାଇଁ ମଧ ବେଶୀ ମହତ୍ତ୍ୱପୂର୍ଣ୍ଣ । ଏହା ଉଚ୍ଚ ରକ୍ତଚାପକୁ କମ୍ କରିଥାଏ ଏବଂ ରକ୍ତଚାପକୁ ସ୍ୱାଭାବିକ ରଖିଥାଏ । ନିୟମିତ ସକାଳେ ଚାରି ପାଞ୍ଚଟି ରସୁଣ ଚୋବାଇ ଖାଇବା ଦ୍ୱାରା ଏକମାସ ମଧରେ ରକ୍ତରେ କୋଲେଷ୍ଟ୍ରାଲ ସ୍ତର ନିୟନ୍ତ୍ରିତ ହୋଇଥାଏ ଏବଂ ରକ୍ତ ଜମାଟ ବାନ୍ଧିବା ସମସ୍ୟା ଦୂର ହୋଇଥାଏ ।

ରସୁଣରେ କ୍ୟାନସର ରୋଗ ପ୍ରତିରୋଧକ ଗୁଣ ମଧ ରହିଛି । ନିୟମିତ ଦୁଇ ତିନି ପାଖୁଡା କଞ୍ଚା ରସୁଣ ଖାଉଥିବା ଲୋକଙ୍କ ଠାରେ କ୍ୟାନସର ହେବାର ଆଦୌ ସମ୍ଭାବନା ନ ଥାଏ । ବିଶେଷତଃ ଆମାଶୟକୁ ରସୁଣ କ୍ୟାନସର ପାଇଁ ରସୁଣ ସେବନ ଅତ୍ୟନ୍ତ ଲାଭପ୍ରଦ ।

ରସୁଣ ସେବନ ଫୁସ୍‌ଫୁସ୍ କ୍ୟାନସର ପ୍ରତିରୋଧକ ପାଇଁ ମଧ ଅତି ଉପଯୋଗୀ । ଏହା ଫୁସ୍‌ଫୁସ୍‌ର କ୍ୟାନସରରୁ ସୁରକ୍ଷା ଦେଇଥାଏ । ରସୁଣରେ ଥିବା ଏକ ପ୍ରକାର ରାସାୟନିକ ଯୌଗିକ ଡାଇଲିଲ୍ ଟ୍ରାଇସଲଫାଇଡ୍ ମିଳିଥାଏ, ଯାହାକି ଫୁସ୍‌ଫୁସ୍‌ରେ କ୍ୟାନସର କୋଷକୁ ବ୍ୟାପିବାରେ ରୋକିଥାଏ ଏବଂ ସେଗୁଡିକୁ ନଷ୍ଟ କରିବାର କ୍ଷମତା ରଖିଥାଏ । ଡି.ଏ.ଟି.ଏସ୍ ରସୁଣର ତେଲ ଏବଂ ସାଧାରଣ ରସୁଣର ପତ୍ର ଉଭୟରେ ମିଳିଥାଏ । ଏଥିପାଇଁ ରସୁଣକୁ କଞ୍ଚା ଚୋବାଇ ଖାଇବାରେ କିମ୍ବା ଏହାର ତେଲ ବ୍ୟବହାର କଲେ ସୁଫଳ ପାଇବେ ।

ଆହୁରି ମଧ ରସୁଣ ରସରେ କିଛି ମାତ୍ରାରେ ଲୌହସାର ଥିବାରୁ ଏହା ରକ୍ତ ନିର୍ମାଣରେ ସହାୟକ ହୋଇଥାଏ । ତେଣୁ ଯେଉଁମାନଙ୍କ ଶରୀରରେ ରକ୍ତହୀନତା ରହିଛି, ସେମାନେ ନିଶ୍ଚିତ ଭାବରେ ରସୁଣ ସେବନ କରିବା ଉଚିତ । ରସୁଣରେ ଅତି ଅଳ୍ପ ମାତ୍ରାରେ ଭିଟାମିନ୍ -ସି ଥିବାରୁ ଏହା ସ୍କର୍ଭି ରୋଗରୁ ମଧ ସୁରକ୍ଷା ଦେଇଥାଏ ।

ଆୟୁର୍ବେଦ ଚିକିତ୍ସାରେ ରସୁଣକୁ ଏକ ବାତନାଶକ ଔଷଧ ଭାବେ ଉପଯୋଗ କରାଯାଏ । ଏହା ବ୍ୟଥାନାଶକ । ତେଣୁ ଆଣ୍ଠୁ ଗଣ୍ଠି ରୋଗ, ସନ୍ଧିବାତ, କଟିଶୂଳ ଆଦି ବେଦନା ପ୍ରଧାନ ବାତ ରୋଗରେ ଚୋପାଛଡ଼ା ରସୁଣ, ବେଗୁନିଆ ଓ ଶୁଣ୍ଠି ଏକତ୍ର ଦରଛେଚା କରି ସିଝାଇ ସେବନ କରିବାକୁ ବୈଦ୍ୟମାନେ ପରାମର୍ଶ ଦିଅନ୍ତି । ଆୟୁର୍ବେଦର ପ୍ରସିଦ୍ଧ ଶାସ୍ତ୍ରୀୟ ଔଷଧ ରସୋନପିଣ୍ଡ ଯାହାକି ମୁଖ୍ୟତଃ ରସୁଣରୁ ପ୍ରସ୍ତୁତ ଆମବାତ ରୋଗର ଏକ ଅବ୍ୟର୍ଥ ଔଷଧ । ଏହାଛଡ଼ା, ରସୁଣକୁ ସୋରିଷ ତେଲରେ ଫୁଟାଇ ଦେହରେ ମାଲିସ୍ କଲେ ବ୍ୟଥା, ଦରଜ ଓ ଶିଶୁମାନଙ୍କ ଥଣ୍ଡା, ସର୍ଦ୍ଦି ଉପଶମ ହୁଏ । ଆଗରୁ ଥଣ୍ଡା, କଫ ଦୋଷରୁ ମୁକ୍ତ ରଖିବା ପାଇଁ ଶିଶୁମାନଙ୍କୁ ରସୁଣ ମାଳା ପିନ୍ଧାଇ ଦିଆଯାଉଥିଲା ।

## ଦାନ୍ତ ପାଇଁ ଘାତକ

ମିଶ୍ରି, ଟାଣ ଚକଲେଟ୍, ଅଧିକ ମିଠା ଟଫି ଦାନ୍ତ ପାଇଁ କ୍ଷତିକାରକ । ଏଗୁଡିକ ଦାନ୍ତ ଓ ମାଢ଼ି କ୍ଷୟର ମୁଖ୍ୟ କାରଣ ।

କଫି ଓ ଚାହା ପାନ ଦ୍ୱାରା ଦାନ୍ତ ଚାରିପଟେ ଥିବା ନରମ ଉପାଦାନ ନଷ୍ଟ ହୁଏ । ତେଣୁ, ଯଥାସମ୍ଭବ ଏଥିରୁ ବିରତ ରହନ୍ତୁ । ବିକଳ୍ପ ଭାବେ ସବୁଜ ଚାହା ଗ୍ରହଣୀୟ । ଆଚାରରେ ଚିନି ଓ ଭିନେଗାର୍ ମୁଖ୍ୟ ଉପାଦାନ । ଏଥିରୁ ଅତି ମାତ୍ରାରେ ଅମ୍ଳ କ୍ଷରଣ ହୁଏ, ଯାହା ଦାନ୍ତ ପାଇଁ ହାନିକାରକ । ତେଣୁ ସମସ୍ତ ପ୍ରକାର ଆଚାର ବର୍ଜନୀୟ ।

## ଆପଣ ଜାଣନ୍ତି କି ?

- ନ୍ୟାୟ ଦର୍ଶନ ଗୌତମ ପ୍ରତିଷ୍ଠା କରିଥିଲେ ।
- ମହର୍ଷି କଣାଦ ବୈଶେଷିକ ଦର୍ଶନ, ମହର୍ଷି କପିଳ ସାଂଖ୍ୟ ଦର୍ଶନର ପ୍ରତିଷ୍ଠା କରିଥିଲେ ।
- ଏକ ସର୍ଭେ ଅନୁଯାୟୀ ବିଶ୍ୱରେ ସମୁଦାୟ ୬,୫୦୦ ଭାଷା ବ୍ୟବହାର କରାଯାଉଛି ।
- ଉଦ୍ଭିଦଗୁଡିକ ଝାଉଁଳି ପଡିବାର ମୁଖ୍ୟ କାରଣ ହେଉଛି ପ୍ରସ୍ୱେଦନ ।
- ୧୯୮୮ ମସିହାରେ ସିଓଲରେ ଅଲିମ୍ପିକ ଖେଳରେ ପ୍ରଥମ ଥର ପାଇଁ ଟେବଲ୍ ଟେନିସ୍ ଖେଳାଯାଇଥିଲା ।
- ବୁକର୍ ପୁରସ୍କାର ବିଶ୍ୱର ସବୁଠାରୁ ବଡ଼ ସାହିତ୍ୟ ପୁରସ୍କାର । ୧୯୬୯ ମସିହାରେ ଏହି ପୁରସ୍କାର ପ୍ରଚଳନ ହୋଇଥିଲା ।
- ସାରା ଭାରତରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସବୁଠାରୁ ବେଶି ଶାଖା ପ୍ରତିଷ୍ଠା କରାଯାଇଛି ।
- ଭାରତର ଅନ୍ୟ ରାଜ୍ୟଗୁଡିକ ଠାରୁ ସହରୀ ଲୋକଙ୍କ ସଂଖ୍ୟା ମହାରାଷ୍ଟ୍ରରେ ଅଧିକ ।
- ବହୁ ଚର୍ଚ୍ଚିତ ଉପନ୍ୟାସ 'ଗଡ୍ ଅଫ୍ ସ୍ମଲ୍ ଥିଙ୍ଗସ୍' ଲେଖିକା ଅରୁନ୍ଧତି ରାୟ ।
- ହିମାଳୟର ସୃଷ୍ଟି ୪୫ ମିଲିୟନ୍ ବର୍ଷ ପୂର୍ବରୁ ବୋଲି ବୈଜ୍ଞାନିକ ଗବେଷଣାରୁ ଜଣା ପଡିଛି ।
- ସଂସଦର ତଳସଦନ ଲୋକସଭାର ସଦସ୍ୟମାନେ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

## କହିପାରିବେ କି ?

(୧) ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ୍ କିଏ ଥିଲେ ?
(୨) ଭାରତର ପ୍ରଥମ ଷ୍ଟିଲ୍ ସଡ଼କର ନିର୍ମାଣ କେଉଁଠାରେ କରାଯାଇଛି ?
(୩) ନିକଟରେ ଫସଲ ବିବିଧିକରଣ ସୂଚକାଙ୍କର ଆରମ୍ଭ କେଉଁ ରାଜ୍ୟରେ ହୋଇଛି ?
(୪) ସାଞ୍ଚି ସ୍ତୁପ କେଉଁଠାରେ ଅଛି ?
(୫) ଲଙ୍କେଶ ରାବଣ କେଉଁ ବାଦ୍ୟଯନ୍ତ୍ର ବଜାଇବାରେ ପ୍ରବୀଣ ଥିଲେ ?
(୬) 'ଡେମୋକ୍ରାସି' ଶବ୍ଦ କେଉଁ ଭାଷାରୁ ନିଆଯାଇଛି ?
(୭) ପଲିସ୍ ହୋଇଥିବା ଚାଉଳ ଖାଇଲେ କେଉଁ ରୋଗ ହୋଇଥାଏ ?
(୮) 'ଆଇପିଏଲ୍ ୨୦୨୨'ରେ ପ୍ରାୟୋଜକ କମ୍ପାନି କିଏ ହୋଇଛି ?
(୯) ରାଷ୍ଟ୍ରୀୟ ବିଜ୍ଞାନ ଦିବସ କେବେ ପାଳନ କରାଯାଏ ?
(୧୦) 'ଦ ସିନେମା ଅଫ୍ ସତ୍ୟଜିତ ରାୟ' ପୁସ୍ତକ କିଏ ଲେଖିଛନ୍ତି ?

### JUMBLE WORDS

| | | | |
|---|---|---|---|
| 1) SGTEKA | = | 6) CLEXE | = |
| 2) PRUUS | = | 7) NLECO | = |
| 3) FAYTF | = | 8) SMPHIA | = |
| 4) TUNORA | = | 9) RUUSEN | = |
| 5) OJDANI | = | 10) TKLYT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.କଥକ, ୨.୧୯୭୭, ୩. ପଶ୍ଚିମବଙ୍ଗ, ୪.ଗୋମତୀ, ୫.୫ ଅଗଷ୍ଟ ୨୦୧୯, ୬. ଏପ୍ରିଲ ୯, ୭. ୧୦, ୮. ଗୁଜରାଟ, ୯.ଜାପାନ ଓ ସିଙ୍ଗାପୁର, ୧୦. ଶଚୀ ।

***Jumble Words* ର ଉତ୍ତର :-**

(1) IMPEL (2) FLIGHT (3) DECENT (4) DIVOT (5) HOIST (6) ROCKET (7) SAFETY (8) SLYLY (9) TWINE (10) CAMPUS

## ମହାଦାନ

ମହାଭାରତର ଅନନ୍ୟ ଚରିତ୍ର ଦାନୀ କର୍ଣ୍ଣଙ୍କ ଦାନର ମହତ୍ତ୍ୱକୁ ହଜାର ହଜାର ବର୍ଷ ଧରି ମହାକାଳ ଗୌରବର ସହିତ ଧାରଣ କରିଆସିଛି । ଜୀବନ ସାରା ସେ ବିନା ଅପରାଧରେ ଲାଞ୍ଛିତ ହୋଇଛନ୍ତି ସକଳ ଶକ୍ତି, ଶୌର୍ଯ୍ୟ, ସାମର୍ଥ୍ୟ, ଆତ୍ମବିଶ୍ୱାସ, ବୀରତ୍ୱ ସତ୍ତ୍ୱେ କିନ୍ତୁ ଏ ସବୁଠାରୁ ତାଙ୍କ ଉଦାରତା, ମହନୀୟତା, ସତ୍ୟନିଷ୍ଠା, ଦାନଶୀଳତାର ଚରମ ନିଦର୍ଶନ ହୋଇଛି ଯେତେବେଳେ ଦାନୀ କର୍ଣ୍ଣ ନିଜ କବଚ କୁଣ୍ଡଳ ପରି ମହାର୍ଘ୍ୟ ନିଜ ରକ୍ଷା କବଚକୁ ଦାନ ଦେଇଛନ୍ତି । ସତ୍ୟରକ୍ଷା ପାଇଁ, ଦାନଶୀଳତାର ଚରମ ଉଦାହରଣ ଦେଖାଇ କାଳକାଳକୁ ଅକ୍ଷୟକୀର୍ତ୍ତି ଅର୍ଜନ କରିଛନ୍ତି । ଏପରି ଦୃଷ୍ଟାନ୍ତ ବିରଳ । ଆମ ଶାସ୍ତ୍ର, ପୁରାଣ, ମହାକାବ୍ୟ ତଥା ସାହିତ୍ୟରେ ଏହାର ପଟ୍ଟାନ୍ତର ନାହିଁ । ସେହିପରି ରାଜା ବଳୀ, ରାଜା ହରିଶ୍ଚନ୍ଦ୍ରଙ୍କ ମହାଦାନକୁ ମହାକାଳର ଆଜି ବି ଶ୍ରଦ୍ଧାର ସହିତ ସ୍ମରଣ କରୁଛି । ଏସବୁ ହୁଏତ ପୌରାଣିକ ଗାଥା ହୋଇପାରେ ମାତ୍ର ଏହି ଚରିତ୍ରମାନଙ୍କ ଦ୍ୱାରା ଯେଉଁ ମହାନ ଆଦର୍ଶ ପ୍ରତିଷ୍ଠିତ ହୋଇଛି, ତାହା ଶାଶ୍ୱତ ଓ ଅମୃତତ୍ୱର ଅଧିକାରୀ ।

ଦିନେ ତ୍ୟାଗର ଖଣ୍ଡିଏ ଖଣ୍ଡିଏ ରକ୍ତବୋଳା ଅସ୍ଥିରେ ନିର୍ମିତ ହୋଇଥିଲା ସ୍ୱାଧୀନତାର ମୂଳଦୁଆ । ଆତ୍ମ ବଳିଦାନର ଲୁହଲହୁରେ ଏହି ଭିତିଭୂମିକୁ ମଜଭୁତ୍, ଶକ୍ତ କରାଯାଇଥିଲା । ଦଧୀଚିଙ୍କ ପରି ଏହି ସଂଗ୍ରାମୀମାନେ ନିଜ ନିଜର ଅସ୍ଥି, ମଜ୍ଜା, ରକ୍ତ, ସ୍ୱେଦ, ସ୍ୱପ୍ନ ଅଭିଳାଷ, ସୁଖ, ସମ୍ଭୋଗ ସବୁକୁ ସ୍ୱାର୍ଥତ୍ୟାଗର ଯଜ୍ଞବେଦୀରେ ଆହୁତି ଦେଇଥିଲେ । କଳାପାଣି, ଫାଶୀଦଣ୍ଡ, କାରାବାସ, ଲାଠିମାଡ଼, ଲାଞ୍ଛନା, ଅତ୍ୟାଚାର, ଘର-ପରିବାର, ସଂପଦ ସୌଭାଗ୍ୟର ବଳିଦାନ ଥିଲା ଏହି ମହାଦାନର ଫଳଶ୍ରୁତି । ପ୍ରତିଦାନ । ଯେଉଁମାନେ ପୋର୍ଟ ବ୍ଲେୟାରର ସେଲୁଲାର ଜେଲରେ ଲାଇଟ୍ ସାଉଣ୍ଡ ମାଧମରେ ଦେଖିଥିବେ ସେ ହୃଦୟବିଦାରକ ଦୃଶ୍ୟ, ସେମାନେ ଏହି ସତ୍ୟ ଅନୁଭବ କରିବେ । ଦେଶପ୍ରେମୀ ସଭରକର ରହୁଥିବା ସେଲର ଠିକ୍ ସାମନାରେ ଥିଲା ଇଂରେଜ ସରକାରଙ୍କ କଳାପାଣି ଫାଶୀଘର । ପ୍ରତ୍ୟହ ସେ ଦେଖୁଥିଲେ ଭାରତମାତାଙ୍କୁ ଭଲ ପାଉଥିବା ଦେଶପ୍ରେମୀ ମାନଙ୍କର ଫାଶୀ ପାଇବାର ମର୍ମାନ୍ତିକ ଦୃଶ୍ୟ । ସହସ୍ର ମୃତ୍ୟୁର ଦାରୁଣ ଅନୁଭବ ଥିଲା ଏସବୁ ଦୃଶ୍ୟ ।

ଅସରନ୍ତି ବ୍ୟଥାର କାହାଣୀ, ଲକ୍ଷଲକ୍ଷ ଲୋକଙ୍କର ଆତ୍ମଦାନର ଗାଥା ହେଉଛି ସ୍ୱାଧୀନ ଭାରତର ଅନ୍ତରାଳରେ ଥିବା କରୁଣ ଇତିହାସ । ସାର୍ବଭୌମତ୍ୱରର ଆବାହନୀ ସଂଗୀତ । ସେହିପରି ନେତାଜୀ ସୁଭାଷଙ୍କ ସମଗ୍ର ଜୀବନ ଥିଲା ମହାଦାନର ଚରମ ଦୃଷ୍ଟାନ୍ତ । କେବଳ ସେ ଏକା ନୁହନ୍ତି, ତାଙ୍କ ଡାକରାରେ ମନ୍ତ୍ରମୁଗ୍ଧ ଜନତା ମାତୃଭୂମି ପାଇଁ ଜୀବନର ଶେଷତମ ସମ୍ବଳକୁ ବି ଉତ୍ସର୍ଗ କରି ଦେଇଛନ୍ତି ।

ଆଜାଦ ହିନ୍ଦ୍ ଫୌଜ ଗଢ଼ା ସରିଥାଏ । ଏଥର ଯୁଦ୍ଧ ପାଇଁ ପ୍ରସ୍ତୁତି । ଇଂରେଜ ସରକାର ବିରୋଧରେ ହେବ ଏ ଲଢ଼େଇ । ଦେଶକୁ ବିଦେଶୀ ଶାସକ କବଳରୁ ମୁକ୍ତ କରିବାକୁ ହେବ । କେଉଁଠୁ ଆସିବ ଅର୍ଥ ? ସୈନ୍ୟମାନଙ୍କ ପାଇଁ ପୋଷାକ ପତ୍ର, ଅସ୍ତ୍ରଶସ୍ତ୍ର, ଯୁଦ୍ଧ ସରଞ୍ଜାମ, ଖାଦ୍ୟପେୟ ଯୋଗାଡ଼ ହେବ କେମିତି ? ଏଥିପାଇଁ ସୁଭାଷ ବିଦେଶୀଶକ୍ତିର ସାହାଯ୍ୟ ନେବାକୁ ଚାହିଁଲେ ନାହିଁ । ସେମାନଙ୍କ ସାହାଯ୍ୟ ତ ଅତୁଳନୀୟ । ବହୁ ଚିନ୍ତା କରି ଶେଷରେ ସେ ସ୍ଥିରକଲେ ଦକ୍ଷିଣ ପୂର୍ବ ଏସିଆରେ ପ୍ରାୟ ତିରିଶ ଲକ୍ଷ ଭାରତୀୟ ରହୁଛନ୍ତି । ଦେଶର ସ୍ୱାଧୀନତା କେଉଁ ଭାରତୀୟ ନ ଚାହେଁ ? ସେମାନଙ୍କ ଭିତରେ ଜାଗରଣ, ସୃଷ୍ଟି କରିବାକୁ ହେବ । ଘରେଘରେ ପହଞ୍ଚାଇବାକୁ ହେବ ସ୍ୱାଧୀନତାର ଆହ୍ୱାନ । ସୁଭାଷ ବିଭିନ୍ନ ସ୍ଥାନକୁ ଯାଇ ଉଦ୍‌ବୋଧନ ଦେଲେ- ଭାଇମାନେ ଆଗେଇ ଆସି ଏ ସଂଗ୍ରାମକୁ ସଫଳ କର । ମାଆ ଓ ମାତୃଭୂମି ଆଜି ପରାଧୀନ । ତା କ୍ରନ୍ଦନକୁ କାନପାତି ଶୁଣ । ଆପଣମାନଙ୍କ ବଦାନ୍ୟତାରେ ପୂର୍ଣ୍ଣ ହେବ ଏ ଜାତୀୟ ଭଣ୍ଡାର । ଧନୀ ଦରିଦ୍ର, ବଡ଼ସାନ, ସର୍ବସ୍ୱ ଦାନ କରି ଏ ଜାତୀୟ ମହାଯଜ୍ଞରେ ସାମିଲ ହୁଅ ।

ଅଦ୍ଭୁତ ଥିଲା ସେ ଆହ୍ୱାନର ମନ୍ଦ୍ରନିନାଦ । ଜଳ, ସ୍ଥଳ, ଆକାଶ ସବୁଠି ପ୍ରତିଧ୍ୱନିତ ହେଲା । ସହସ୍ର କଣ୍ଠରେ ଦେଶ ପାଇଁ ସର୍ବସ୍ୱ ଦେଇଦିଅ । ସମସ୍ତଙ୍କର ସ୍ୱପ୍ନ, ଦେଶ ସ୍ୱାଧୀନ ହେଉ । ସିଙ୍ଗାପୁର, ବ୍ୟାଙ୍କକ୍, ସାଇଗନ, କୁଆଲାଲାମପୁର, ରେଙ୍ଗୁନ, ପେନାଂ, ସାଂଘାଇ, କ୍ୟାଣ୍ଟନ.. ସବୁଠି ଉଚ୍ଚାରିତ ହେଲା ଏ ଉଦାର ମନ୍ତ୍ରପାଠ ।

ଗୋଟେ ସଭାରେ ଜଣେ ଯୁବକ ଆସି ନେତାଜୀଙ୍କ ହାତକୁ ବଢ଼ାଇ ଦେଇଥିଲା ପାଞ୍ଚଲକ୍ଷ ଟଙ୍କାର ଚେକଟିଏ । ଅନୁରୋଧ କରିଥିଲା, ଦୟାକରି ଏଇଟି ଗ୍ରହଣ କରନ୍ତୁ ଓ ମୋର ନାମ ପଚାରନ୍ତୁ ନାହିଁ । ତା'ପରେ ସେ ନେତାଜୀଙ୍କୁ ପ୍ରଣାମ କରି ନିଃଶବ୍ଦରେ ଚାଲି ଯାଇଥିଲା । ସ୍ତମ୍ଭୀଭୂତ ନେତାଜୀ ଶୁଣୁଥିଲେ ପବନରେ ମିଳେଇ ଯାଉଥିବା ତା'ର ପଦଧ୍ୱନି । ପେନାଂର ଗୋଟେ ସଭାରେ କିଶୋରଟିଏ ଆସି ନେତାଜୀଙ୍କ ପଦଧୂଳି ନେଇ କହିଲା- ମୁଁ ପରଘରେ ଭୃତ୍ୟରୂପେ କାମ କରେ । ମୋର ମାଆ ଦେଇଥିବା ଏ ଫୁଲଦାନିଟି ମୋର ସର୍ବସ୍ୱ ଓ ମା'ଙ୍କର ସ୍ମୃତିର ଶେଷ ସ୍ମାରକୀ । ଦୟାକରି ଗ୍ରହଣ କରନ୍ତୁ ।

ସେଇ ସଭାରେ ନିଲାମ ଡାକିଲେ ନେତାଜୀ । ଚାହୁଁଚାହୁଁ ଭିଡ଼ ଜମିଗଲା । ଅନେକଙ୍କ ତୁଣ୍ଡରୁ ଶୁଭିଲା - ମୁଁ ନେବି ..... ମୁଁ ନେବି ।

ଶେଷରେ ଏକଲକ୍ଷ ପଚାଶ ହଜାର ଡଲାରରେ ନିଲାମ ହୋଇଥିଲା ସେ ଫୁଲଦାନିଟି । ଏହା ଥିଲା ନେତାଜୀଙ୍କ ପ୍ରତି ସେଠିକା ଭାରତୀୟମାନଙ୍କର ଅତୁଟ ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ସର୍ବୋପରି ସ୍ୱଦେଶ ପ୍ରେମ । ଯିଏ ଦାନ ଦେଉଥିଲା, କୃତଜ୍ଞ ହୋଇ କହୁଥିଲା- ଦୟାକରି ଆମର ଏ ଦାନକୁ ସ୍ୱୀକାର କରି ଆମକୁ କୃତାର୍ଥ କରନ୍ତୁ ନେତାଜୀ । କି ବିଚିତ୍ର ଉଦ୍‌ବେଳନ ! ସାଗରର ଉତ୍ତାଳ ତରଙ୍ଗଠାରୁ ଅଧିକ ଉତ୍ତୁଙ୍ଗ । ଅଧିକ ଶକ୍ତିଶାଳୀ । ରାତି ପାହିଲେ କ'ଣ ଖାଇବେ ସେ ଚିନ୍ତା ନଥିଲା । ହୃଦୟରେ କେବଳ ଥିଲା ଦେଶପ୍ରେମର ଉଚ୍ଛାଟନ ।

ଦିନେ ସଭାମଞ୍ଚ ଉପରକୁ ଆଗେଇ ଆସିଥିଲେ ଜଣେ ବୃଦ୍ଧା । ଦେହରେ ଶତଚ୍ଛିନ୍ନ ବସ୍ତ୍ର । ନେତାଜୀଙ୍କ ହାତକୁ ତନିଟି ଟଙ୍କା ବଢ଼େଇ ଦେଇ ସେ ଥରଥର କଣ୍ଠରେ କହିଲେ "ଏହା ହିଁ ମୋ ଜୀବନର ସର୍ବଶେଷ ସମ୍ବଳ, ସର୍ବସ୍ୱ । ଦୟାକରି ଗ୍ରହଣ କରନ୍ତୁ ।

ସୁଭାଷଙ୍କର ଇସ୍ପାତ ପରି ଟାଣୁଆ ଛାତି କମ୍ପି ଉଠିଲା ଶ୍ରଦ୍ଧାରେ, ବେଦନାରେ, ଆବେଗରେ ଆଉ କୃତଜ୍ଞତାରେ । ଆଖିରୁ ଝରୁଥିଲା ଅବାରିତ ଅଶ୍ରୁ । ଭାବ ଗଦଗଦ କଣ୍ଠରେ ସେ କହିଲେ ମାଆ, ଏ ତିନିଟି ଟଙ୍କା ବିଶ୍ୱର ସର୍ବଶ୍ରେଷ୍ଠ ଦାନ ।

ଏପରି ଅଜସ୍ର ଗାଥା, ବଦାନ୍ୟତାର ବହୁ ସତ୍ୟ କାହାଣୀ, ଦେଶପ୍ରେମର ଜ୍ୱଳନ୍ତ ଉଦାହରଣ । ଏସବୁ ଅତୁଳନୀୟ ଦାନର ମହିମାରେ ମହିମାନ୍ୱିତ ହୋଇଥିଲା ସୁଭାଷଙ୍କ ଦେଶଭକ୍ତିର ମହାସଂଗ୍ରାମ । ସ୍ୱାଧୀନ ଭାରତ ଅମୃତ ମହୋତ୍ସବ ପାଳନ କରୁଛି । ଏଇ ପରିପ୍ରେକ୍ଷୀରେ ଆତ୍ମ ସମୀକ୍ଷାର ସମୟ ଉପସ୍ଥିତ ଦେଶବାସୀଙ୍କ ସମ୍ମୁଖରେ । ଆଜି ତ୍ୟାଗ ବିଡ଼ମ୍ୱିତ । ଚତୁର୍ଦିଗରେ ଉପଭୋକ୍ତାବାଦର ଭୋଗବାଦୀ ସଭ୍ୟତାର ଜୟଜୟକାର । ମନେହେଉଛି ସବୁରି ହାତ ଆଜି ତଳକୁ । ଦିଅ...ଦିଅ... ମୋତେ, ମୋ ପରିବାରକୁ ଦିଅ । ଭୋଗ ଦିଅ, କ୍ଷମତା ଦିଅ, ପ୍ରତିପତ୍ତି ଦିଅ । ଯଶ ଦିଅ, କୀର୍ତ୍ତି ଦିଅ, ସୁଖ ସୌଭାଗ୍ୟ ଦିଅ ।

ସତେ ଯେପରି ମାନବିକତା, ବିବେକ, ଦେଶପ୍ରୀତିର ବିଲୋପ ପାଇଁ ଜନ୍ମେଜୟଙ୍କ ସର୍ପମାରଣ ଯଜ୍ଞ ପରି ଚତୁର୍ଦିଗରେ ସ୍ୱାର୍ଥ ଆଉ ଅର୍ଥର ମହାମନ୍ତ୍ରପାଠ । ବଦଳିଯାଇଛି ଦେଶପ୍ରେମର ପରିଭାଷା, ଦାନର ମହତ୍ତ୍ୱ । ଲାଞ୍ଚ, ମିଛ, ଛଳନା, ପ୍ରତାରଣା ପରି ଶାବ୍ଦିକ ଚାଟୁ କର୍ଣ୍ଣଗହ୍ୱରରେ ଅମୃତବର୍ଷା କରୁଛି । ତୋଷାମଦର ଆବରଣ ତଳେ ଲୁଚି ଯାଉଛି ସତ୍ୟର ସୌକୁମାର୍ଯ୍ୟ, ଠିକ୍ ପୌଷର ଘନ କୁହୁଡ଼ିରେ ସୂର୍ଯ୍ୟଦେବତା ମୁହଁ ଢାଙ୍କିଲା ପରି । ତେବେ ସେ ସବୁ ଆତ୍ମ ବଳିଦାନର, ମହାନ ଦାନର, ଦେଶପ୍ରେମର ମହାଯଜ୍ଞ କ'ଣ ବ୍ୟର୍ଥ ହୋଇ ଯାଇଛି ? ନା, ଆଉ ଥରେ ସେ ଦେଶପ୍ରେମର ସ୍ୱର୍ଣ୍ଣାଭ ସୂର୍ଯ୍ୟୋଦୟ ପାଇଁ ଦେଶବାସୀଙ୍କୁ ସଂଗ୍ରାମ କରିବାକୁ ହେବ ? ଏ ପ୍ରଶ୍ନର ଉତ୍ତର ଆପଣମାନଙ୍କ ପାଖରେ ।

## ବାପା

ଈଶ୍ୱର ପ୍ରଦତ୍ତ ଉପହାରଗୁଡ଼ିକ ମଧ୍ୟରୁ 'ବାପା' ନାମକ ଭେଟି ସବୁଠୁ ଶ୍ରେଷ୍ଠ । ବାପା କେବଳ ଶବ୍ଦରେ ସୀମିତ ନୁହେଁ ଅସୀମିତ ଗଗନ ପରି ବ୍ୟାପକ ଓ ଅଥଳ । ନଦୀର ଗଭୀରତା ପରି ତାଙ୍କ ତ୍ୟାଗ ଓ ସ୍ନେହ । ସଂଘର୍ଷ ଓ ଶୃଙ୍ଖଳା ଭିତରେ ରହି ଜୀବନ ଜିଇଁବାର ରାହା ଦେଖାଉ ଥିବା ବ୍ୟକ୍ତି ଜଣକ ବାପା । ନିଜ ସନ୍ତାନଙ୍କ ପାଇଁ ରକ୍ଷାକବଚ ସଦୃଶ ବେଢ଼ି ରହିଥାନ୍ତି ଜୀବନଯାକ । ଏମାନେ କୌଣସି ଯାଦୁଗର ଠାରୁ କମ୍ ନୁହଁନ୍ତି । ପିଲାମାନଙ୍କ ଚେହେରା ପଢ଼ି ଆଣି ଦିଅନ୍ତି ମନଚାହାଁ ଜିନିଷକୁ । ସେମାନଙ୍କ ଉପରେ ବିପଦ ପଡ଼ିବା ଆଗରୁ ଯେମିତି ସତର୍କ ଘଣ୍ଟି ବାଜିଯାଏ, ଏହି ପିତାମାନଙ୍କ ମନରେ ଓ ତତ୍‌କ୍ଷଣାତ ଲାଗିପଡ଼ନ୍ତି ସେମାନଙ୍କୁ ସେହି ବିପଦରୁ ମୁକୁଳାଇବାକୁ ।

ସେ ସର୍ବଦା ସନ୍ତାନମାନଙ୍କୁ ଶୃଙ୍ଖଳିତ ଜୀବନ ଦେବାକୁ ପ୍ରୟାସ କରନ୍ତି । ସେଥିପାଇଁ ନିଜ ଭାବମୂର୍ତ୍ତିକୁ ଭିନ୍ନ ରୂପରେ ଗଢିଥାନ୍ତି । ଗାମ୍ଭୀର୍ଯ୍ୟ ଭରା ମୁଖମଣ୍ଡଳ ସହ ସ୍ୱଭାବରେ ରୁକ୍ଷତା ପଣ ଚିହ୍ନାଇଦିଏ ତାଙ୍କ ଅନୁଶାସନକୁ । ଏବଂ ଏହି କଠୋର ଶାସନରୁ ସନ୍ତାନଙ୍କ ମନରେ ଭୟ ଜାଗ୍ରତ ହୁଏ । ଯଦ୍ୱାରା ସେମାନେ କୌଣସି ଭୁଲ କାର୍ଯ୍ୟ କରିବାରୁ ବିରତ ରଖେ । ପିଲାମାନେ କୌଣସି ମନ୍ଦ କାମକଲେ ପ୍ରଥମେ ବାପାମାନେ ହିଁ ସେହିପରି କୁ-କାର୍ଯ୍ୟକୁ ନକରିବା ପାଇଁ ପରାମର୍ଶ ଦିଅନ୍ତି ଏବଂ ଆବଶ୍ୟକ ସ୍ଥଳେ ଦଣ୍ଡବିଧାନ କରି ସେମାନଙ୍କୁ ଉଚିତ ମାର୍ଗରେ ନେବାକୁ ପ୍ରଚେଷ୍ଟା କରନ୍ତି । ଜୀବନର ଅନ୍ତ ସମୟ ପର୍ଯ୍ୟନ୍ତ ବାପାମାନେ ନିଜ ସନ୍ତାନଙ୍କର ରକ୍ଷାକର୍ତ୍ତା ସାଜି ପ୍ରତିଟି ବିପତ୍ତିରୁ ମୁକ୍ତ କରିବାକୁ ଆପ୍ରାଣ ଚେଷ୍ଟା କରନ୍ତି ।

'ବାପା' ନାମଧାରୀ ମଣିଷଙ୍କ ପାଖରେ ସନ୍ତାନଙ୍କ ଠାରୁ ବଡ଼ ସଂପତ୍ତି ଦୁନିଆରେ କିଛି ନାହିଁ । ଏହି ଶବ୍ଦର କୌଣସି ଭେଦାଭେଦ ନାହିଁ । ଧନୀ ବାପା ସନ୍ତାନର ମଙ୍ଗଳ କାମନା କରୁଥିବା ବେଳେ ଗରିବ ବାପାଟି ମଧ୍ୟ ପିଲାଙ୍କର ହିତ ଇଚ୍ଛାକରନ୍ତି । ଏଠାରେ ପ୍ରତ୍ୟେକ ବାପା କେବଳ ପିଲାମାନଙ୍କ ଜୀବନ କିପରି ସୁଖମୟ ଓ ନିରାପଦ ହୋଇ ପାରିବ ତାହାହିଁ ଭାବନ୍ତି । ସବୁ ପ୍ରତିରୋଧକୁ ଏଡ଼ାଇ ସଫଳତାର ସିଖର ଛୁଇଁ ଭିନ୍ନ ପରିଚୟ ତିଆରି କରିବାରେ ବାପାମାନଙ୍କର ଅବଦାନ ଅନେକ ରହିଥାଏ ।

ବାପାମାନେ ବହୁତ ଦୂରଦୃଷ୍ଟି ସମ୍ପନ୍ନ । ସେମାନେ ପିଲାମାନଙ୍କର ଭବିଷ୍ୟତ ଗଢିବାକୁ ପିଲାର ଜନ୍ମ ଦିନରୁ ହିଁ ତତ୍ପର ହୁଅନ୍ତି । ଏହି ବାପାମାନଙ୍କୁ ବୁଝିବା ବଡ଼ କଷ୍ଟ । କଡ଼ା ଶାସନର ଅଙ୍କୁଶ ଲଗାଇ ଜୀବନ ଜିଇଁବାର କୌଶଳ ଶିଖାଉଥିବା ସମୟରେ ଅନେକ ଶ୍ରୁତିକଟୁ କଥା କହିବେ ହେଲେ ସଂସାର ନଦୀରେ ପାର ହେବା ବେଳେ ଡଙ୍ଗା ଟିକେ ଦୋହଲି ଗଲେ ବାପାମାନଙ୍କର ହାତ ପାର କରିବାରେ ସହାୟକ ହୁଏ । ସମ୍ମୁଖକୁ ଦିଶୁଥିବା, ରାଗୀ ମଣିଷ ଭିତରେ ଲୁକ୍କାୟିତ ଭାବେ ରହିଥାଏ ପ୍ରଚୁର ଭଲପାଇବା । ଦିନରାତି ପରିଶ୍ରମ କରି ସାଇତି ଥିବା ଧନକୁ ବିନିଯୋଗ କରିଦିଅନ୍ତି ନିଜ ସନ୍ତାନ ସନ୍ତତିଙ୍କ ପାଇଁ । ହାଡ଼ଭଙ୍ଗା ଖଟଣି ପରେ ଘରକୁ ଲେଉଟି ଆଖି ଯୋଡାକ ବୁଲାଇ ନିଅନ୍ତି ଆମମାନଙ୍କ ଉପରେ । ସେମାନଙ୍କୁ କୁଶଳରେ ଦେଖିଦେଲେ ମନକୁ ଶାନ୍ତି ମିଳେ ତାଙ୍କର । ମାଆ ପିଲାମାନଙ୍କ ଦେହ ଓ ମନ ବୁଝୁଥିବା ବେଳେ, ବାପା ସେମାନଙ୍କ ତମାମ ଜୀବନ କିପରି ସୁଖମୟ ହୋଇ ପାରିବ ତାହା ଚିନ୍ତା କରନ୍ତି । ସେଥିପାଇଁ ନିଜ ଶରୀରରେ ବଳଥିବା ପର୍ଯ୍ୟନ୍ତ ପରିଶ୍ରମ କରି ଅର୍ଥ ଉପାର୍ଜନ କରିବାକୁ ଚେଷ୍ଟାକରନ୍ତି ।

ସଂପ୍ରତି ଏହି ବାପାମାନଙ୍କ ଦୁର୍ଦ୍ଦଶା କହିଲେ ନସରେ । ଅବହେଳିତ ହୋଇ ପଡୁଛି ତାଙ୍କ ଜୀବନ ସନ୍ତାନମାନଙ୍କ ନିକଟରେ । ଜୀବନ ଯାକ ନିଜ ଖୁସି ଓ ଇଚ୍ଛାକୁ ତ୍ୟାଗ କରି ବଡ଼ କରିଥିବା ପିଲାମାନଙ୍କ ପାଖରେ ସେମାନେ ଅଲୋଡ଼ା । ଯେଉଁ ବାପା ସନ୍ତାନଙ୍କ ମଙ୍ଗଳ ପାଇଁ ଦିନରାତି ଏକକରି ଦେଉଥିଲେ, ହଳେ ପୋଷାକ ଓ ଜୋତାରେ ବର୍ଷ ବର୍ଷ ଚଳାଇ ପିଲାଙ୍କ ଇଚ୍ଛାକୁ ପୂରଣ କରୁଥିଲେ, ଏବେ ତାଙ୍କ ପାଇଁ ସମୟ ନାହିଁ କାହାର ।

ସତରେ ଆମ୍ଭେମାନେ ଏତେ ବଡ଼ ହୋଇ ଯାଇଛୁ ଯେ, ଆମକୁ ବଡ଼ କରିଥିବା ବ୍ୟକ୍ତିଙ୍କ ପାଇଁ ସମୟ ନାହିଁ ଆମ ପାଖରେ । କେତେ ହତଭାଗ୍ୟ ସେହି ପିଲାମାନେ । ପାଖରେ ଥିବା ମୂଲ୍ୟବାନ ସଂପତ୍ତିକୁ ଅଣଦେଖା କରି ମାତିଛନ୍ତି ଧନ ରତ୍ନ ସାଉଁଟିବାରେ । କିନ୍ତୁ ବାପାଙ୍କୁ ହରାଇଥିବା ସନ୍ତାନ ବିକଳ ହେଉଥାଏ ବାପାର ସ୍ନେହ ପାଇବାକୁ । ସେଥିପାଇଁ କୁହାଯାଏ ପିତା ଧର୍ମ ପିତାସ୍ୱର୍ଗ ପିତା ହିଁ ପରମ ତପଃ, ପିତରି ପ୍ରିତିମାପନ୍ନେ ପ୍ରିୟନ୍ତେ ସର୍ବଦେବତାଃ ।

## କୁଚିଣ୍ଡା ଏକଲ ଅଭିଯାନର ବୌଦ୍ଧିକ ସମାବେଶ

କୁଚିଣ୍ଡା : ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡ ଓ ଦେବଗଡ଼ ଜିଲ୍ଲାର ତିଳେଇବଣି ବ୍ଲକର ଏକଲ ଯୋଜନାରେ ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ଅଧିକ ସହଯୋଗ କରି ପାଠ ପଢ଼ାଇବାକୁ ପ୍ରତ୍ୟେକ ବ୍ଲକରେ କୋଡିଏରୁ ତିରିଶ ଗୋଟି ଯାଏ ଭିନ୍ନ ଧରଣର ବିଦ୍ୟାଳୟ ଖୋଲା ଯାଇଛି । ଏହି କ୍ରମରେ ସଦାଚାର ବୌଦ୍ଧିକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ଆଦିବାସୀ ଭବନ ସଭାଗୃହରେ ବିନୟ କୁମାର ପୃଷେଠଙ୍କର ଆବାହକତ୍ୱ ଓ ତୁଷାରକାନ୍ତ ନାୟକଙ୍କର ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାକୁ ଅବସର ପ୍ରାପ୍ତ ଅଧକ୍ଷ ତଥା ସାହିତ୍ୟିକ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଦିବାଦୀ ସାମାଜିକ, ସାଂସ୍କୃତିକ ପରିଷଦ ର ଉପସଭାପତି ରମେଶ ପଧାନ, ମୁଖ୍ୟ ବକ୍ତା ଓ ଏକଲ ପରିବାରର ସଦସ୍ୟା ତଥା ନବ ନିର୍ବାଚିତ ବାଙ୍କେ ସରପଞ୍ଚ ପିଙ୍କି ନାୟକ, ଗୋଛରାର ସମିତି ସଭ୍ୟା ସୁକାନ୍ତି ସେଠ ଓ ୱାର୍ଡ ସଭ୍ୟା ନିବେଦିତା ନାୟକ ମଧ ମଞ୍ଚାସୀନ ରହି ଯୋଗ ଦେଇଥିବା ଆଚାର୍ଯ୍ୟ, ଆଚାର୍ଯ୍ୟାଙ୍କୁ ଉଦବୋଧନ ଦେଇ ସଂସ୍କାରିତ ଜୀବନକୁ ନିଜେ ଆପଣାଇବା ସହିତ ଛାତ୍ର, ଛାତ୍ରୀଙ୍କୁ ମଧ ଶିକ୍ଷା ଦେବାକୁ ଆହ୍ୱାନ ଦେଇ ଥିଲେ । ଅନ୍ୟ ମାନଙ୍କ ମଧରେ ପ୍ରବୀଣ ସାହୁ, ସୁଦେଷ୍ଣା ନାୟକ, ମିଳି ସାହୁ, ଶୁକ ମଣି କିଷାନ, ନୀଳାଦ୍ରି କିଷାନ, ନିବେଦିତା ନାଏକ, କୁମାରୀ କାଲୋ, ସସ୍ମିତା ପଟେଲ, ରିତା କିସାନ, ବିଭୁତି ତନସନା, ସନାତନ ଗନ୍ଧା, ସୁରେନ୍ଦ୍ର ଦେହେରିଆ, ଲବଣି ପିଙ୍ଗ ଓ ପଦ୍ମିନୀ କରାଳି ପ୍ରମୁଖ ବିଭିନ ବିଷୟ ଉପରେ ହୋଇଥିବା ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ଏକଲ ଅଭିଯାନ ପକ୍ଷରୁ ପରିବାରର ସଦସ୍ୟା ନବନିର୍ବାଚିତା ପଂଚାୟତ ରାଜ ପ୍ରତିନିଧି ତ୍ରୟଙ୍କ ସହ ମାର୍ଗ ଦର୍ଶକ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧନା ଦେବା ସହ ଶିକ୍ଷା ଓ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ କେଶବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ଚାରିଗୋଟି ବ୍ଲକର ପ୍ରତିନିଧିଙ୍କୁ ନେଇ ତିନି ଦିନିଆଁ କର୍ମଶାଳା ଆୟୋଜନ କରାଯିବ ବୋଲି ଜଣାପଡିଛି ।

## ପୁଲିସ୍ ପକ୍ଷରୁ ବିଭିନ୍ନ ଥାନାରେ ରକ୍ତଦାନ ଶିବିର




ସମ୍ବଲପୁର: ଧନକଉଡା ବ୍ଲକ ଗୋଶାଳା ବିଟ୍ ହାଉସ୍‌ରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ୭୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିରକୁ ଏସଡିପିଓ ସତ୍ୟବ୍ରତ ଦାସ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୁର୍ଲା ଥାନାର ଭାରପ୍ରାପ୍ତ ଅଧିକାରୀ କମଳଲୋଚନ ପଣ୍ଡା ଏବଂ ଏଏସଆଇ ପ୍ରକାଶ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସଦର ଡାକ୍ତରଖାନା ରକ୍ତ ଭଣ୍ଡାରର ଡାକ୍ତର କଲ୍ୟେଶ୍ କଳକ, ସନ୍ତୋଷ ଗୌଡ଼, କର୍ମଦେବ ପଟେଲ ଏବଂ ଅନ୍ୟ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ହାବିଲଦାର ଏବଂ କନେଷ୍ଟବଳ ଶାଖା ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଗୋଶାଳା - ବିଟ୍ ହାଉସ୍‌ର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ଲୋକ ସହଯୋଗ କରିଥିଲେ । ଛାତ୍ୟା ଫାଉଣ୍ଡେସନର ସଭାପତି ଜିତୁ ନନ୍ଦ, ସମର୍ପଣ ଅନୁଷ୍ଠାନର ସଭାପତି ମନୋଜ୍ ସାହୁ, ଅକ୍ଷୟ ସ୍ୱାଇଁ, ଲଳିତ ଅଗ୍ରୱାଲ, ପ୍ରତାପ ପ୍ରଧାନ, ହଜାରୀ ସାହୁ, ଚିତ୍ତ ମହନ୍ତମ, ମିତ କୌର, ସଂଯୁକ୍ତା ପ୍ରଧାନ, ଘୁନୁ ସିଂ, ବିପିନ ବିହାରୀ ନାଥ, ଦେବେନ ଠେଟୁଆର, ଶିବ ଠାକୁର, ଧିରେନ୍ ନାଗ ଏବଂ ସ୍ୱାଧିନ ଛତର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।



ସେହିପରି ଚାରମାଳ ଥାନା ଅଧିନସ୍ଥ ବଡ଼ମାଲ ଫାଣ୍ଡି ଠାରେ ଆୟୋଜିତ ରକ୍ତଦାନ ଶିବିରରେ ୭୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ରେଢ଼ାଖୋଲ ଏସ୍.ଡି.ପିଓ ପ୍ରଶାନ୍ତ କୁମାର ମେହେର ଏହି ଶିବିର ଉଦ୍‌ଘାଟନ କରିଥିଲେ । ବର୍ତ୍ତମାନ ରକ୍ତର ଅଭାବ ଦେଖା ଦେଇଥିବାରୁ ଏହାକୁ ପୂରଣ କରିବା ପାଇଁ ସମ୍ବଲପୁର ଏସ୍.ପି ବାତୁଲା ଗଙ୍ଗାଧରଙ୍କ ନିର୍ଦ୍ଦେଶରେ ଏହି ଦୁଇଟି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହା ପୂର୍ବରୁ ମଧ ଏସ୍.ପିଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ଥାନାରେ ରକ୍ତଦାନ ଶିବିରମାନ ଆୟୋଜନ କରାଯାଇଛି ।

## ସଂକୀର୍ତ୍ତନ ଗୁରୁ ଭୋଗିଲାଲ ଭୁଏଙ୍କ ପରଲୋକ

ବରଗଡ଼ : ଅମ୍ବାଭୋନା ଥାନା ଅନ୍ତର୍ଗତ କୁଶମୁଦା ଗ୍ରାମର ପ୍ରସିଦ୍ଧ ସଂକୀର୍ତ୍ତନ ଗୁରୁ ଶ୍ରୀ ଭୋଗିଲାଲ ଭୁଏଙ୍କ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ବରଗଡ଼, ଛତିଶଗଡ଼ ତଥା ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମରେ ସଂକୀର୍ତ୍ତନ ଶିକ୍ଷା ଓ ତାଲିମ ଦେଇଥିଲେ । ତାଙ୍କର ପୁଅ ପରମେଶ୍ୱର ଭୁଏ, ଗୌରଚନ୍ଦ୍ର ଭୁଏ ଓ ଶିରୋମଣୀ ଭୁଏ ଅଛନ୍ତି । ତାଙ୍କ ସ୍ମୃତିରେ ପରିବାର ପକ୍ଷରୁ ଏକ ନାମ ଯଜ୍ଞ ଆୟୋଜିତ ହୋଇଥିଲା । ଉକ୍ତ ଯଜ୍ଞରେ ସ୍ଥାନୀୟ ଲୋକ ତଥା ଦୁର ଦୁରାନ୍ତରରୁ ତାଙ୍କ ଶିଷ୍ୟମାନେ ଆସି ଯୋଗ ଦେଇଥିଲେ ।

## ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ୬୦ ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର: ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ୬୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ୧୯୬୩ମସିହା ଏହି କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା । ଆକାଶବାଣୀ ରିକ୍ରିଏସନ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ଦେଇ 'ସମ୍ବଲପୁର କେନ୍ଦ୍ରର ସ୍ୱର୍ଣ୍ଣିମ ଇତିହାସ' ବିଷୟରେ ଆଲୋକପାତ କରିଥିଲେ । ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯାନ୍ତ୍ରିକ ବିଭାଗର ମୁଖ୍ୟ ରମେଶ ଚନ୍ଦ୍ର ଭୋଇ, କାର୍ଯ୍ୟକ୍ରମ ବିଭାଗର ମୁଖ୍ୟ ମନୋଜ କୁମାର ପୂଜାରୀ, ସହକାରୀ



ଯନ୍ତ୍ରୀ ରାଜକିଶୋର ପଣ୍ଡା, କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗଙ୍କ ସହ ଅନ୍ୟ କର୍ମଚାରୀମାନେ ଆକାଶବାଣୀ କେନ୍ଦ୍ରର ଅତୀତ, ବର୍ତ୍ତମାନ ଆଉ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ । ଆକାଶବାଣୀ ବାର୍ଷିକ ପୁରସ୍କାର ପ୍ରତିଯୋଗିତାରେ ଏହି କେନ୍ଦ୍ରର କୃଷି ଓ ଗୃହ ଅନୁଭାଗ ଦ୍ୱାରା ପ୍ରସ୍ତୁତ ସଂଗୀତ ରୂପକ କାର୍ଯ୍ୟକ୍ରମ 'ନୂଆଁ ସକାଳ'ର ଲେଖକ ଗଣେଶ ରାମ ସେଠ ଏବଂ ଆକାଶବାଣୀ କେନ୍ଦ୍ରର ୪ ଜଣ କର୍ମଚାରୀଙ୍କୁ ଆକାଶବାଣୀ ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀରୁ ପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ସମ୍ବଲପୁର ଜିଲ୍ଲା ପରିଷଦ ବୈଠକ

ସମ୍ବଲପୁର : ସମ୍ବଲପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ ଠାରେ ତୃତୀୟ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭାପତି କୁମୁଦିନୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୨-୨୩ ଖରିଫ ଚାଷ, ଉଦ୍ୟାନ ବିଭାଗର ଅଗ୍ରଗତି ଓ ବିଭିନ୍ନ କାର୍ଯ୍ୟକ୍ରମ ମତ୍ସ୍ୟ ବିଭାଗ, ଅତ୍ୟାବଶ୍ୟକୀୟ ସାମଗ୍ରୀର ସୁଷମ ବଣ୍ଟନ, ସମବାୟ ବିଭାଗର କୃଷି ଋଣ, ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା, ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ପ୍ରାଣୀ ସମ୍ପଦ, ଗ୍ରାମ୍ୟ ନିର୍ମାଣ, ଜଳସେଚନ, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ପଞ୍ଚାୟତରାଜ, ପାନୀୟ ଜଳ ଓ ପରିମଳ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ଜୀବିକା ମିଶନ, ଆବାସ ଯୋଜନା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ମହିଳା ଓ ଶିଶୁ ବିକାଶ, ଶକ୍ତି ବିଭାଗ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଇତ୍ୟାଦି ବିଭାଗ ଉପରେ ଆଲୋଚନା ହୋଇଥିଲା । ବିଭାଗୀୟ ଅଧିକାରୀମାନେ ନିଜ ନିଜ ବିଭାଗର ଅଗ୍ରଗତି ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ସୂଚନା ଦେଇଥିଲେ । ଉପସ୍ଥିତ ଜନ ପ୍ରତିନିଧିମାନେ ନିଜ ନିଜ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିସହ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଅନୁରୋଧ କରିଥିଲେ । କୃଷି ବିଭାଗର ଗୋ ସୁଗମ ଏବଂ କୃଷକ ଓଡିଶା ପୋର୍ଟାଲରେ ଯେମିତି ଅଧିକରୁ ଅଧିକ ଚାଷୀ ପଞ୍ଜିକୃତ କରିପାରିବେ ସେଥିପ୍ରତି ବ୍ୟାପକ ସଚେତନା ସୃଷ୍ଟିକରିବା ନିମନ୍ତେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏହାଦ୍ୱାରା ପଞ୍ଜିକୃତ ଚାଷୀ ଚାଷ ସଂକ୍ରାନ୍ତରେ ସମସ୍ତ ସୂଚନା ଏବଂ ଅନ୍ୟାନ୍ୟ ସୁବିଧା ପାଇପାରିବେ । ଆଳୁ, ପିଆଜ, କଦଳୀ ଚାଷ ପ୍ରତି ଅଧିକ ଚାଷୀ କିଭଳି ଆକୃଷ୍ଟ ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଭାଗକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗର କାର୍ଯ୍ୟପନ୍ଥା, ଯୋଜନା ଆଦି ଉପରେ ଜନସାଧାରଣ ଅବଗତ ହୋଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବା ସହ ବ୍ୟାପକ ସଚେତନତା ସୃଷ୍ଟି କରିବା ନିମନ୍ତେ ବିଭିନ୍ନ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରେଙ୍ଗାଲି ବିଧାୟକ ନାଉରି ନାୟକ, ସାଂସଦ ପ୍ରତିନିଧି ରାଧେଶ୍ୟାମ ବାରିକ, ରେଢାଖୋଲ ବିଧାୟକ ପ୍ରତିନିଧି ଗୋପିରଞ୍ଜନ ବେହେରା, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ବାବୁ, ପିଡିଡିଆରଡିଏ ଦିଲ୍ଲୀପ କୁମାର ବଳ, ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ପଞ୍ଚାୟତ ସମିତି ଅଧକ୍ଷଅଧକ୍ଷା ସମେତ ଜିଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ମେଢ଼େଶ୍ୱର ମନ୍ଦିରରେ ଶ୍ରୀ ଶ୍ରୀ ଅଷ୍ଟକୁଞ୍ଜ ଅଷ୍ଟପ୍ରହର ନାମଯଜ୍ଞ











ସୁନ୍ଦରଗଡ଼ : ମଝାପଡ଼ା ସ୍ଥିତ ଶ୍ରୀ ଶ୍ରୀ ମେଢ଼େଶ୍ୱର ଶିବ ମନ୍ଦିର ପରିସରରେ ଶ୍ରୀ ଅଷ୍ଟକୁଞ୍ଜ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଶ୍ରୀ ନବଦ୍ୱୀପ ବାବାଙ୍କ ପୌରୋହିତ୍ୟରେ ଚାଲି ଆସିଥିବା ଶ୍ରୀ ଅଖଣ୍ଡ ନାମ ସଂକୀର୍ତ୍ତନର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶ୍ରୀ ମେଢ଼େଶ୍ୱର ଶିବ ସମିତିର ସଭାପତି ଶ୍ରୀ ସତ୍ୟବାନ ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିଶାଳ ଆଧାତ୍ମିକ କାର୍ଯ୍ୟକ୍ରମରେ ଏକା ସାଙ୍ଗରେ ୮ଟି ସ୍ଥାନରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶ୍ରୀ ହେମନ୍ତ କୁମାର ମେହେର ଅଷ୍ଟକୁଞ୍ଜର ମୁଖ୍ୟ କର୍ତ୍ତା ଓ ଉଦ୍ୟୋକ୍ତା ଥିଲେ । ପବିତ୍ର କୁମାର ମେହେର, ସୁଶାନ୍ତ ନାୟକ, ରୁପାନନ୍ଦ ବେହେରା, ଡକ୍ଟର ଗଗନବିହାରୀ ମିଶ୍ର, ପିତାମ୍ବର ରଣା, ସତ୍ୟନାରାୟଣ ଚନ୍ଦେଲ ଓ ରାଧେଶ୍ୟାମ ପେରୁଆ ବିଭିନ୍ନ କୁଞ୍ଜରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।

କଟକର ରାସ ବିହାରୀ ମଠର ମହନ୍ତ ମହାରାଜ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଅଧିବାସ ଆରମ୍ଭ ହୋଇ ତାଙ୍କ ଦ୍ୱାରା ଦଧିଭାଣ୍ଡ ଭଞ୍ଜନ କରି ନାମ ସମାପନ କରିଥିଲେ । ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ଜିଲ୍ଲାର ବିଭିନ୍ନ ଗ୍ରାମରୁ ୧୦୫ ଟି କୀର୍ତ୍ତନ ଦଳ ଯୋଗଦାନ କରି ଅଂଶ ଗ୍ରହଣ କରିଥିଲେ । ସମିତିର ଉପ ସଭାପତି ଭୀଷ୍ମଦେବ କାଲୋ, ସଂପାଦକ ଅଶୋକ କୁମାର ସାଏ, କୋଷାଧ୍ୟକ୍ଷ ଗଜାଧର ସେଠ୍, ସଭ୍ୟ କିଶୋର ଚଲସା, ବଂଶୀଧର ମେହେର, ନନ୍ଦଲାଲ ଶେଖର ଦେଓ, ରାଧେଶ୍ୟାମ ପେରୁଆ, ସୁରେନ୍ଦ୍ର ସାହୁ, ତରୁଣ କୁମାର ସାହୁ, ଜିତେନ୍ଦ୍ରିୟ ପୃଷେଠ, ପିତାମ୍ବର ରଣା, ଦୀନବନ୍ଧୁ ନାଏକ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ଯୋଗେଶ ସିଂ, ଅଶ୍ୱିନୀ ନାଏକ, ବଟକୃଷ୍ଣ ମିଶ୍ର, ଭେଷଜ ରଥ, ସୁକଲାଲ ମୁଣ୍ଡା, ବ୍ଲକ ଉପାଧ୍ୟକ୍ଷା ସୁରଭି ମେହେର, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁଲତା ନାଏକ, ବୈଦେହୀ ବାଘ ତଥା ସଦର ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ । ଝାରସୁଗୁଡ଼ା ଜିଲ୍ଲାର ତାଳପଟିଆ ଗ୍ରାମର ଅଶ୍ୱିନୀ କୁମାର ମହାପାତ୍ର, ଅଜୟ କୁମାର ଶର୍ମା, ଲୋକେଶ ସାହୁ ମାର୍ଗଦର୍ଶକ ଥାଇ ନାମ ଯଜ୍ଞକୁ ସଫଳ କରିବାରେ ସହାୟକ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଧାରୁଆଡ଼ିହି ଥାନାର ଆଇଆଇସି ଅଲେଖ ଚନ୍ଦ୍ର ସେଠି ଓ ତାଙ୍କ ଦଳ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରାଜେଶ ହେମରମ ଓ ତାଙ୍କ ସହ କର୍ମୀ ସ୍ୱାସ୍ଥ୍ୟ ସେବା ଯୋଗାଇଥିଲେ । ଲେଡିମଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ପିଲାମାନେ ଏହି ନାମ ଯଜ୍ଞରେ ସହଯୋଗ କରି କରିଥିଲେ । ଜରମାଲର ଓମ୍ ପ୍ରକାଶ ଅଗ୍ରୱାଲ ଓ ଦଳ ଦୁଇ ଦିନ ବ୍ୟାପି ପାନୀୟ ଜଳ ଓ ସରବତ୍ ମାଗଣାରେ ଭକ୍ତମାନଙ୍କୁ ପ୍ରଦାନ କରିଥିଲେ ।

# ଡକ୍ଟର ନବୀନ ସାହୁଙ୍କ ଜନ୍ମ ଶତବାର୍ଷିକୀ ସ୍ମାରକୀ ବକ୍ତୃତା



ବୁର୍ଲା : ବିଶିଷ୍ଟ ଐତିହାସିକ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ସ୍ୱର୍ଗତ ପ୍ରଫେସର ନବୀନ କୁମାର ସାହୁଙ୍କର ୧୦୦ ତମ ଜନ୍ମ ବାର୍ଷିକୀ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଉପାଧ୍ୟୁତ୍ତର ବିଭାଗ ତରଫରୁ ପାଳନ କରାଯାଇ ଥିଲା । ବିଭାଗୀୟ ମୁଖ୍ୟ ଡକ୍ଟର ଖଗେନ୍ଦ୍ର ନାଥ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସାଧୁଚରଣ ପଣ୍ଡା ମୁଖ୍ୟ ଅତିଥି ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ବର୍ତ୍ତମାନର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟବକ୍ତା, ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସଦାଶିବ ପ୍ରଧାନ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଦେବାନନ୍ଦ ଚୋପଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ନୃପରାଜ ସାହୁ ଏବଂ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ପ୍ରଫେସର ସାହୁଙ୍କର ଜୀବନୀ ଏବଂ ଅବଦାନ ବିଷୟରେ ଉଦ ବୋଧନ ଦେଇଥିଲେ ।

# ଅଜିତ କୁମାର ବେହୁରା ଏମ୍.ସି.ଏଲ୍‌ର ପରବର୍ତ୍ତୀ ବିତ୍ତ ନିର୍ଦ୍ଦେଶକ



ବୁର୍ଲା : ଏମ୍.ସି.ଏଲ୍‌ରେ ବର୍ତ୍ତମାନ ଡେପୁଟି ଜେନେରାଲ ମ୍ୟାନେଜର ରୂପେ କାର୍ଯ୍ୟରତ ଥିବା ଅଜିତ କୁମାର ବେହୁରା ଏମ୍.ସି.ଏଲର ପରବର୍ତ୍ତୀ ବିତ୍ତ ନିର୍ଦ୍ଦେଶକ ହେବେ । ଗତମାସ ୨୮ ତାରିଖ ଦିନ ହୋଇଥିବା ପି.ଇ.ଏସ୍.ବି ର ଚୟନ କମିଟି ବୈଠକରେ ଶ୍ରୀ ବେହୁରା ବିତ୍ତ ନିର୍ଦ୍ଦେଶକ ପଦବୀ ପାଇଁ ମନୋନୀତ ହୋଇଛନ୍ତି । ଏଥିପାଇଁ ତାଙ୍କ ନାମକୁ ପି.ଇ.ଏସ୍.ବି ସୁପାରିଶ କରିଛି । ଶ୍ରୀ ବେହେରା କେନ୍ଦ୍ରାପଡ଼ା ଜିଲ୍ଲାର ମୂଳବାସିନ୍ଦ ଅଟନ୍ତି । ବିତ୍ତ ନିର୍ଦ୍ଦେଶକ ପଦ ପାଇଁ ମୋଟ୍ ସାତ ଜଣ ପ୍ରାର୍ଥୀ ଆଶାୟୀ ଥିଲେ । ବର୍ତ୍ତମାନ ଏମସିଏଲରେ ଥିବା ବିତ୍ତ ନିର୍ଦ୍ଦେଶକ ଶ୍ରୀ କେ.ଆର୍ ବାସୁଦେବନ ଆସନ୍ତା ଜୁଲାଇ ମାସରେ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ ଶ୍ରୀ ବେହୁରା ଯୋଗ ଦେବେ ।

# ଏନଏଲସିର ଖଣି ନିର୍ଦ୍ଦେଶକଙ୍କ ତଲାବିରା ଗସ୍ତ







ସମ୍ବଲପୁର : ଏନଏଲସିର ଖଣି ନିର୍ଦ୍ଦେଶକ ଶ୍ରୀ ସୁରେଶ ଚନ୍ଦ୍ର ସୁମନ ଗତ ୨୬ ତାରିଖ ଦିନ ସମ୍ବଲପୁର ଗସ୍ତରେ ଆସି ତଲାବିରା ଖଣି ପରିଦର୍ଶନ କରିବା ସାଙ୍ଗକୁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ । ଏ ଅବସରରେ ସେ ବୃକ୍ଷରୋପଣ ପାଇଁ ଏକ ଗାଡି ମଧ ଉଦ୍‌ଘାଟନ କରିବା ସାଙ୍ଗକୁ ବୃକ୍ଷ ରୋପଣ କରିଥିଲେ ।

# ସମ୍ବଲପୁର ପ୍ରେସ୍ କ୍ଲବରେ ପ୍ରତିଷ୍ଠା ହେବ ସିଦ୍ଧିବିନାୟକ ମୂର୍ତ୍ତି



ସମ୍ବଲପୁର : ଅଇଁଠାପାଲି ସ୍ଥିତ ସମ୍ବଲପୁର ପ୍ରେସ୍ କ୍ଲବ ପରିସରରେ ସିଦ୍ଧିବିନାୟକ ମୂର୍ତ୍ତି ପ୍ରତିଷ୍ଠା କରାଯିବ । ରାଜସ୍ଥାନର ଜୟପୁରରେ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟରେ ୬ ଫୁଟ୍ ଉଚ୍ଚତାର ପ୍ରାୟ ୨୨ କ୍ୱିଣ୍ଟାଲ ଓଜନରେ ନିର୍ମିତ ମାର୍ବଲ ମୂର୍ତ୍ତି ଇତି ମଧ୍ୟରେ ଏଠାରେ ଆସି ପହଞ୍ଚିଛି । ଏହା ପ୍ରତିଷ୍ଠା ହେଲେ ଓଡ଼ିଶାର ଏହା ସବୁଠାରୁ ଅଧିକ ଉଚ୍ଚତା ବିଶିଷ୍ଟ ସିଦ୍ଧି ବିନାୟକ ମୂର୍ତ୍ତି ହେବ ବୋଲି ଜଣାପଡିଛି । ପ୍ରେସ୍ କ୍ଲବ ସଭାପତି ଶ୍ରୀ ତ୍ରିବିକ୍ରମ ପ୍ରଧାନଙ୍କ ଉଦ୍ୟମରେ ଏହି ମୂର୍ତ୍ତି ପ୍ରତିଷ୍ଠା ହେଉଛି ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra